୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.198 Bhubaneswar Saturday September 14 2024 | ୨୬ତମ ବର୍ଷ ସଂଖ୍ୟା–୧୯୮ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଡବଲ ଏନକାଉଣ୍ଟର: ୨ ଆତଙ୍କୀ ସଫା, ୨ ଯବାନ ସହିଦ

ଭୁବନେଶ୍ୱର,୧୩।୯(ପି.ଏନ): ଜମ୍ମୁ-କଶ୍ମୀର ନିର୍ବାଚନ ପୂର୍ବରୁ ଅଶାନ୍ତ ହୋଇ ଉଠିଛି ଉପତ୍ୟକା। ନିର୍ବାଚନରେ ହିଂସା ସୃଷ୍ଟି କରିବା ପାଇଁ ଆତଙ୍କବାଦୀଙ୍କ ଉଦ୍ୟମ ଜାରି ରହିଛି। ତେବେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସେମାନଙ୍କୁ ଉଚିତ ଜବାବ ଦିଆଯାଉଛି। ଏହିକ୍ରମରେ ଆଜି ଜମ୍ମୁ-କଶ୍ମୀରର କଠୁଆ ଓ କିଶ୍ତୱାରରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଛି।ଏହି ଏନକାଉଣ୍ଟରରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୨ ଜଣ ଯବାନ ସହିଦ ହୋଇଛନ୍ତି। ସେହିପରି ଆଉ ୨ ଜଣ ଯବାନ ଆହତ ହୋଇଛନ୍ତି। ଏବେ ବି ଉଭୟ ସ୍ଥାନରେ ଗୁଳି ବିନିମୟ ଜାରି ରହିଛି।ହ୍ୱାଇଟ ନାଇଟ କ୍ରସ୍ ପକ୍ଷରୁ କୁହାଯାଇଛି ଯେ ଆଜି ସୁରକ୍ଷାକର୍ମୀଙ୍କ ପକ୍ଷରୁ କିଶ୍ତୱାରର ଛତ୍ରୋ ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଥିଲା। ଏହି ସମୟରେ ଆତଙ୍କବାଦୀମାନେ ଗୁଳି ମାଡ କରିଥିଲେ। ଏହାର ଜବାବ ମଧ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଜାରି ରହିଥିବା ଏହି ଗୁଳି ବିନିମୟରେ ୪ ଜଣ ଯବାନ ଆହତ ହୋଇଥିଲେ।



## ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା', ଭୁବନେଶ୍ୱରରେ ସ୍ଥାପନ ହେବ 'ଓମଫେଡ୍ ଭେଣ୍ଡିଂମେସିନ୍'

ଭୁବନେଶ୍ୱର,୧୩।୯(ପି.ଏନ): ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ' କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଆଗାମୀ ୫ବର୍ଷ ପାଇଁ ଏହି ଯୋଜନାରେ ମୋଟ ୧୪୨୩.୪୭କୋଟି ଟଙ୍କା ଖର୍ଚ୍ଚ ପାଇଁ ବ୍ୟୟବରାଦ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ସଂସ୍ଥା 'ଓମଫେଡ୍ ?' ମଧ ଖୁବଶୀଘ୍ର ରାଜଧାନୀ ଭୁବନେଶ୍ୱରରେ ଏକ ଭେଣ୍ଡିଂ ମେସିନ୍ ସ୍ଥାପନ କରି ଲୋକଙ୍କୁ ଓମଫେଡ୍ ସାମଗ୍ରୀ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି ।ଦୁଗ୍ଧ ଉତ୍ପାଦନ ଓ ପ୍ରାଣୀ ସମ୍ପଦର ବିକାଶ ପାଇଁ 'ବିକଶିତ ଭାରତ'ର ସଂକଳ୍ପ ନେଇ ଆଜି ଓଡିଶାରେ ପ୍ରଥମଥର ପାଇଁ 'ମନସୁନ୍ ମିଟ୍' ଆୟୋଜିତ ହୋଇଛି । ଏଥିରେ ୧୫ଟି ରାଜ୍ୟ ଯୋଗ ଦେଇଥିଲେ । ଏହି ମନସୁନ୍ ମିଟକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟରେ ନୂତନ ଭାବେ ଦାୟିତ୍ୱ ନେଇଥିବା ସରକାର ଏପର୍ଯ୍ୟନ୍ତ ୧୦୦ଦିନ ପୂରଣ କରିନାହିଁ କିନ୍ତୁ ରାଜ୍ୟ ସରକାର ସବୁ କ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ରେ ଆଗାମୀ ୫ବର୍ଷ ପାଇଁ ୧୪୨୩.୪୭କୋଟି ଟଙ୍କା ବ୍ୟୟ କରାଯିବ । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଦୁଗ୍ଧ ସମବାୟ ସଂସ୍ଥାଗୁଡିକୁ ସୁଦୃଢ଼ କରିବା ପାଇଁ ଜାତୀୟ ଡାଏରୀ ବିକାଶ ବୋର୍ଡ(ଏନଡିଡିବି) ସହ ଆଜି ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏନଡିଡିବି ସହଯୋଗରେ ରାଜ୍ୟ ସରକାର ବ୍ରହ୍ମପୁରଠାରେ ଏକ ଟୀକା ଉତ୍ପାଦନ କେନ୍ଦ୍ର(ଭାକସିନ୍ ପ୍ରଡକ୍ଟ ୟୁନିଟ) ଏବଂ ଭୁବନେଶ୍ୱରରେଠାରେ ଏକ ଅତ୍ୟାଧୁନିକ ଗୋଖାଦ୍ୟ ବିଶ୍ଳେଷଣ କେନ୍ଦ୍ର(ଫିଡ୍ ଆନାଲିଟିକାଲ ଲାବ୍‌ରୋଟୋରୀ) ସ୍ଥାପନ କରିବେ । ରାଜ୍ୟରେ ଛେଳି,ମେଣ୍ଢା ଓ କୁକୁଡା ପାଳନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ଆରମ୍ଭ କରାଯିବ । ଏହାସହିତ ବୁଲା ଓ ଅବହେଳିତ ପ୍ରାଣୀସମ୍ପଦର ଯତ୍ନ ନେବା ପାଇଁ 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । 'ବିକଶିତ ଓଡିଶା ୨୦୩୬'କୁ ଦୃଷ୍ଟିରେ ରଖି କୃଷକଙ୍କ ଦ୍ୱାରଦେଶରେ ୨୪ଘଂଟିଆ ପ୍ରାଣୀ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ପାଇଁ ଏକ ସମନ୍ୱିତ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟକ ଜିଲ୍ଲାର ନରାଜ ତଳଗଡସ୍ଥିତ ସେଂଟ୍ରାଲ ପୋଲଟ୍ରି ଡେଭଲପମେଂଟ ସଂସ୍ଥାର ନୂଆ ୟୁନିଟ , ଓମଫେଡର ନୂଆ ଗୋଲ୍ଡ ପ୍ଲସ୍ ଦୁଗ୍ଧ ପ୍ୟାକେଟ, କିଷାନ କ୍ରେଡିଟ୍ କାର୍ଡ ଅଭିଯାନ, ନ୍ୟାସନାଲ ଲେବଲ ମନିଟରିଂ ଆପ୍ଲିକେସନର ଉଦଘାଟନ କରିବା ସହ ୧୦୧ଜଣ ମହିଳାଙ୍କ ସଫଳ କାହାଣୀ ଆଧାରିତ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପଶୁସମ୍ପଦ ରାଷ୍ଟ୍ରମନ୍ତ୍ରୀ ଏସପି ସିଂ ବଘେଲା ଓ ଜର୍ଜ କୁରିୟନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ ।




## ପରାଜୟକୁ ଗ୍ରହଣ କରିପାରୁନାହାନ୍ତି ପ୍ରାର୍ଥୀ; ହାଇକୋର୍ଟରେ ରୁଜୁ ହେଉଛି ମାମଲା

ଭୁବନେଶ୍ୱର,୧୩।୯(ପିଏନ):୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଆସିବାକୁ ୩ ମାସ ବିତିଲାଣି। ହେଲେ ଏବେ ଯାଏଁ ପରାଜୟକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ଅଧିକାଂଶ ପ୍ରାର୍ଥୀ। ଯେଉଁଥିପାଇଁ ଏଥର ହାଇକୋର୍ଟରେ ଦାଖଲ ହୋଇଛି ସର୍ବାଧିକ ମିଥ୍ୟା ସତ୍ୟପାଠ ମାମଲା। କିଏ ଭୁଲ ତଥ୍ୟ ପାଇଁ ତ ଆଉ କିଏ ବିଜୟୀ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଜାତିଗତ ପ୍ରମାଣପତ୍ରକୁ ନେଇ ମାମଲା ଦାୟର କରିଛନ୍ତି ।ତଥ୍ୟ ଅନୁଯାୟୀ, ୨୦୧୯ ମସିହା ନିର୍ବାଚନରେ ୧୦ରୁ ୧୫ଟି ମିଥ୍ୟା ସତ୍ୟପାଠ ମାମଲା ଦାଖଲ ହୋଇଥିବା ବେଳେ ଏଥର ଏଯାବତ ୩୦ଟି ମିଥ୍ୟା ସତ୍ୟପାଠ ମାମଲା ଦାଖଲ ହୋଇସାରିଲାଣି ହାଇକୋର୍ଟରେ। ଯେଉଁଥିରୁ ସମ୍ବଲପୁର ସାଂସଦ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ବିରୋଧରେ ମାମଲା ରହିଛି। ସେହିପରି ରାଉରକେଲା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ଶାରଦା ନାୟକଙ୍କ ବିରୋଧରେ ସର୍ବାଧିକ ୪ଟି ମାମଲା ରୁଜୁ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ୍, ନୟାଗଡ଼ ବିଧାୟକ ଅରୁଣ ସାହୁ, ସୋର ବିଧାୟକ ମାଧବ ଧଡ଼ାଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲା ହୋଇଛି।



## ପୁରୀ ବେଳାଭୂମିରେ ମିଳିବନି ମଦ, ଅବକାରୀ ନୀତିରେ ପରିବର୍ତ୍ତନ ଆଣିଲେ ସରକାର

ପୁରୀ,୧୩।୯(ପି.ଏନ): ଅବକାରୀ ନୀତିରେ ପରିବର୍ତ୍ତନ ଆଣିଲେ ରାଜ୍ୟ ସରକାର। ଏଣିକି ପୁରୀ ବେଳାଭୂମିରେ ମିଳିବନି ମଦ। ବେଳାଭୂମିରେ ମଦ ପାଇଁ ଲାଇସେନ୍ସ ମିଳିବନି। ଧର୍ମାନୁଷ୍ଠାନର ୫ କିମି ଭିତରେ ଖୋଲିବନି ମଦ ଦୋକାନ। ଅନେକ ସମୟରେ ଏହି ମଦକୁ ନେଇ ବିବାଦ ଦେଖିବାକୁ ମିଳିଛି। ତେବେ ଏ ନେଇ ରାଜ୍ୟ ସରକାର କିଛି ପୂର୍ବରୁ ଥିବା ଅବକାରୀ ନୀତିରେ ପରିବର୍ତ୍ତନ ଆଣିଛନ୍ତି। ବାହାରୁ ଆସୁଥିବା ପର୍ଯ୍ୟଟକ ବେଳାଭୂମିରେ ସମୟ ବିତାଇଥାଆନ୍ତି, ଏହିମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି।



## ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଗଣଶିକ୍ଷାମନ୍ତ୍ରୀ



ଭୁବନେଶ୍ୱର,୧୩।୯(ପି.ଏନ): ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଭାସୀ ମାଧମରେ ବିନା ଦେୟରେ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏ ସଂପର୍କରେ ମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମ ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା, ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ଦିଗରେ ସହାୟକ ହେବ ।ସୂଚନା ଅନୁସାରେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ନାମଲେଖାଇଥିବା ୮୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ମାଧ୍ୟମରେ ଯୋଡି ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ପାଇଁ ପ୍ରତି ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ଏହି ଅନଲାଇନ୍ କ୍ଲାସରେ ଯୋଡିହୋଇ ପାରିବେ ।ତେବେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ମାଗଣା କୋଚିଂ ପ୍ରଦାନ କରିବା ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷା ସହାୟତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଗୁଡିକରେ ଅନ୍‌ଲାଇନ୍ ମାଧମରେ ପାଠପଢ଼ାଯିବ । ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ଗୁଡିକୁ ସ୍ମାର୍ଟ କ୍ଲାସ୍‌ରୁମ୍ ପ୍ରସ୍ତୁତ ରଖିବାକୁ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପତ୍ର ଲେଖାଯାଇଛି ।

## ଛାଡୁନି ମୋହ; କ୍ୱାର୍ଟର୍ସ ମାଡି ବସିଛନ୍ତି ପୂର୍ବତନ ବିଧାୟକ ଓ ମନ୍ତ୍ରୀ

ଭୁବନେଶ୍ୱର,୧୩।୯(ପି.ଏନ): ଛାଡୁନି କ୍ୱାର୍ଟର୍ସ ମୋହ। ପଦ ଯିବା ପରେ ମଧ ସରକାରୀ କ୍ୱାର୍ଟର୍ସ ମାଡି ବସିଛନ୍ତି ପୂର୍ବତନ ମନ୍ତ୍ରୀ ଓ ବିଧାୟକ। ଷୋଡ଼ଶ ବିଧାନସଭା ଭାଙ୍ଗିବାର ଶହେ ଦିନ ହେଲାଣି। ତଥାପି କ୍ୱାର୍ଟର୍ସ ଖାଲି କରିବାକୁ ଆଗ-ପଛ ହେଉଛନ୍ତି ବିଭିନ୍ନ ଦଳର ୨୭ ଜଣ ବିଧାୟକ। ତା'ଭିତରେ ଅଛନ୍ତି ଦି' ଡଜନେ ବିଜେଡି ବିଧାୟକ। ସେପଟେ କ୍ୱାର୍ଟର୍ସ ଖାଲି ହେଉନଥିବାରୁ ପାଖାପାଖି ୬୦ ଜଣ ବିଧାୟକ ଓ ମନ୍ତ୍ରୀଙ୍କୁ ଷ୍ଟେଟ୍ ଗେଷ୍ଟ ହାଉସରେ ରଖାଯାଇଛି ।ଷୋଡ଼ଶ ବିଧାନସଭା ଭଙ୍ଗ ହେବାର ଶହେ ଦିନ ପୂରିଲାଣି। ବିଧାୟକ ପଦ ନାହିଁ। ତଥାପି କ୍ୱାର୍ଟର୍ସ ଖାଲି କରୁନାହାନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ବିକ୍ରମ ଆରୁଖ, ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅମର ପ୍ରସାଦ ଶତପଥୀ, ଦେବୀ ପ୍ରସାଦ ମିଶ୍ର, ରଜନୀକାନ୍ତ ସିଂ, ପ୍ରେମାନନ୍ଦ ନାୟକ, ପ୍ରୀତିରଞ୍ଜନ ଘଡାଇ, ରିତା ସାହୁ ଓ ସୁରେଶ ରାଉତରାୟଙ୍କ ଭଳି ନେତା। ନିୟମ ଅନୁସାରେ, ବିଧାନସଭା ଭଙ୍ଗ ହେବାର ୧୫ ଦିନରୁ ମାସେ ଭିତରେ ପୂର୍ବତନ ବିଧାୟକମାନେ ସରକାରୀ କ୍ୱାର୍ଟର୍ସ ଫେରସ୍ତ କରିବା କଥା। ହେଲେ ଏଯାଏଁ କ୍ୱାର୍ଟର୍ସ ଖାଲି କରିନଥିବାରୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସେମାନଙ୍କୁ ଜାରି ହୋଇଛି ନୋଟିସ। ଏପରିକି କ୍ୱାର୍ଟର୍ସକୁ ଯାଇ ତୁରନ୍ତ ଖାଲି କରିବାକୁ କହିଛନ୍ତି ରେଣ୍ଟ ଅଫିସର ଓ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ।













# ଟି ଟାଇମ୍



## ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପର୍ଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ରାଜ୍ୟରେ ଲେବର ପ୍ରୋଗ୍ରେସିଭ ଫେଡ଼େରେସନ ସହ ୨୦ଟି ଶ୍ରମିକ ସଂଗଠନ ସହବନ୍ଧିତ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ଭୁବନେଶ୍ୱର (ପିଏନ୍): ଦେଶର ଏକ ପ୍ରମୁଖ ଓ ଅଗ୍ରଣୀ କେନ୍ଦ୍ରୀୟ ସଂଗଠନ ଲେବର ପ୍ରୋଗ୍ରେସିଭ ଫେଡ଼େରେସନ (ଏଲ୍.ପି.ଏଫ୍) ଓଡ଼ିଶାରେ ବିଧିବଦ୍ଧ ଭାବେ ବୁଧବାର ସ୍ଥାନୀୟ ବିଦ୍ୟୁତ୍ ୟୁଥ୍ କ୍ଲବଠାରେ ଏହାର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଦେଶର ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ତଥା ବ୍ୟାଙ୍କ, ରେଲୱେ, ପ୍ରତିରକ୍ଷା, ଟେଲିକମ୍, ଲୌହ, ଇସ୍ପାତ, ଆଲୁମିନିୟମ, ଖଣି, ଖଦାନ, ବିଦ୍ୟୁତ୍, ଶିଳ୍ପ ଆଦି କ୍ଷେତ୍ରରେ କାର୍ଯ୍ୟରତ ଅସଂଖ୍ୟ ଶ୍ରମିକ ସମୂହଙ୍କ ସୁରକ୍ଷା ତଥା ଅଧିକାର ପାଇଁ ଆଜିକୁ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସଂଗ୍ରାମ କରି ଆସୁଥିବା ଉକ୍ତ ସଂଗଠନ ୨୦୦୮ ମସିହାରୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଭାବେ ଭାରତ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ମାନ୍ୟତା ପାଇବା ପରଠାରୁ ଏହାର କାର୍ଯ୍ୟକ୍ରମ ୧୯ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରଖିଥିବା ସ୍ଥଳେ ଓଡ଼ିଶା ଭଳି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର ଉପସ୍ଥିତି ଶ୍ରମିକ ଓ କୃଷକ ଆନ୍ଦୋଳନକୁ ଏକ ନୂତନ ଦିଶା ଦେବାରେ ଆଶା ସଞ୍ଚାର କରିଛି। ଶ୍ରମିକ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଘଡ଼ିସନ୍ଧି ସମୟରେ ଆନ୍ଦୋଳନକୁ ସଠିକ ଦିଶା ଦେବା ପାଇଁ ଆଜିକୁ ୫୨ବର୍ଷ ତଳେ ୧୯୬୯ ମସିହାରେ ବିଶିଷ୍ଟ ରାଜନେତା ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଏମ୍. କରୁଣାନିଧି ଏହାର ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ସଂଗଠନର ସଠିକ୍ ପରିଚାଳନା ତଥା ଦିଗ୍‌ଦର୍ଶନ ଦେଇ ଏହାକୁ କେନ୍ଦ୍ରୀୟ ମାନ୍ୟତା ତଥା ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ୍.ଓ) ମାନ୍ୟତା ହାସଲ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶ୍ରମିକ ନେତା ଏମ୍. ସାନ୍‌ମୁଗମ ଏହାର ଜାତୀୟ ମହାସଚିବ ଭାବେ ଅବସ୍ଥାପିତ ହୋଇଥିବା ସ୍ଥଳେ ବର୍ତ୍ତମାନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହାର ଜାତୀୟ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପରି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଓଡ଼ିଶା ରାଜ୍ୟର ପ୍ରଥମ ସଭାପତି ତଥା ଜାତୀୟ ଉପସଭାପତି ଭାବେ ବିଶିଷ୍ଟ ଶ୍ରମିକ ନେତା ବିରେନ୍ଦ୍ର ପ୍ରସାଦ ଦାସ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେନ୍ଦ୍ରୀୟ ପ୍ରଶାସନିକ କମିଟି ସଦସ୍ୟ ଭାବେ ଶ୍ରମିକ ନେତା ତଥା ସମବାୟବିତ୍ ମଧୁସୂଦନ ପ୍ରଧାନ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ପ୍ରଶାସନିକ ସଦସ୍ୟ ଭାବେ ଅଗ୍ରଣୀ ଯୁବ ଶ୍ରମିକ ନେତା ମନୋରଞ୍ଜନ ମହାରଣାଙ୍କୁ ମନୋନୀତ କରାଯାଇଛି।

ସାମ୍ପ୍ରତିକ ପରିସ୍ଥିତିରେ ଦେଶ ତଥା ରାଜ୍ୟରେ ଶ୍ରମିକ ଆନ୍ଦୋଳନ ଏକ ସଙ୍କଟଜନକ ଅବସ୍ଥା ଦେଇ ଗତି କରୁଥିବା ସମୟରେ ଏଲ୍.ପି.ଏଫ୍ ଭଳି ଏକ ପ୍ରମୁଖ ଲଢୁଆ ଅଗ୍ରଣୀ କେନ୍ଦ୍ରୀୟ ଶ୍ରମିକ ସଂଗଠନର ରାଜ୍ୟରେ ଉପସ୍ଥିତି ଏକ ନୂତନ ଦିଗ୍‌ଦର୍ଶନ ଦେବାର ଆଶା ସଞ୍ଚାର କରିଛି। ଦେଶରେ ବିଭିନ୍ନ ବର୍ଗର ଶ୍ରମିକ ଓ କୃଷକ ସମାଜ ପାଇଁ ନିରନ୍ତର ଭାବେ ଲଢି ଆସୁଥିବା ଏବଂ କେନ୍ଦ୍ରୀୟ ଶ୍ରମ ସଂଗଠନ ସମନ୍ୱୟ କମିଟିର ଏକ ପ୍ରମୁଖ ସଦସ୍ୟ ଭାବେ ଗଠନମୂଳକ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଥିବା ଏହି ସଂଗଠନ ରାଜ୍ୟରେ ମଧ୍ୟ ଏହାର ଦାୟିତ୍ୱ ଓ ଭୂମିକା ଅନ୍ୟ ସମସ୍ତ କେନ୍ଦ୍ରୀୟ ଓ ଆଞ୍ଚଳିକ ଶ୍ରମ ସଂଗଠନମାନଙ୍କ ସହଯୋଗରେ ଆଗାମୀ ଦିନରେ ଜାରି ରଖିବ ବୋଲି ରାଜ୍ୟ ସଭାପତି ଶ୍ରୀ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ୨୦ଟି ଶ୍ରମିକ ସଂଗଠନ ସହବନ୍ଧିତ ହୋଇଛନ୍ତି। ଏହି ଶ୍ରମିକମାନଙ୍କ ସଂଖ୍ୟା ୨ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଓଡ଼ିଶାରେ ତାର ଉପସ୍ଥିତି ଜାହିର କରିବ। ରାଜ୍ୟ ତଥା ଦେଶର ହିତ ଉଦ୍ଦେଶ୍ୟରେ ଏଲ୍‌ପିଏଫ୍ କାର୍ଯ୍ୟ କରିବ ବୋଲି ଶ୍ରୀ ଦାସ କହିଛନ୍ତି।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀର ୭୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସମର ଶିକ୍ଷାର୍ଥୀ ବାହିନୀ ପତକା ଉତ୍ତୋଳନ କରି କ୍ୟାଡେଟମାନଙ୍କର ପ୍ୟାରେଡ ନୀରିକ୍ଷଣ କରିଥିଲେ। ସକାଳ ୮ଟା ସମୟରେ କ୍ୟାଡେଟ ମାନେ ମହାବିଦ୍ୟାଳୟ କ୍ୟାମ୍ପସ ସଫେଇ କରିଥିଲେ । ୧୦ଟାରେ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସିନିୟର ଡିଭିଜନ ଆସୋସିଏଟ ଏନ୍‌ସିସି ଅଫିସର ମେଜର ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ ତାଙ୍କ ଉଦ୍‌ବୋଧନରେ କ୍ୟାଡେଟମାନଙ୍କ ଶୃଙ୍ଖଳତାକୁ ଭୁରିଭୁରି ପ୍ରଶଂସା କରିଥିଲେ। ସିନିୟର ଡିଭିଜନର ସିନିୟର ଅଣ୍ଡର ଅଫିସର ଗୁରୁଚରଣ ପ୍ରଧାନ ଓ ସିନିୟର ଉଇଙ୍ଗର ସିନିୟର ଅଣ୍ଡର ଅଫିସର ସୁଚରିତା ପରିଡା ଏନ୍‌ସିସିରେ ନିଜର ଅନୁଭୂତି ଓ ଅଭିଜ୍ଞତାକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ଏକତା ଓ ଶୃଙ୍ଖଳତା ଉପରେ ଆଲୋକପାତ କରି ଦେଶର ସେବା ଆମ ଜୀବନର ମୁଖ୍ୟ ଲକ୍ଷ୍ୟ ରହୁ ବୋଲି କ୍ୟାଡେଟମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏସ୍‌ୟୁଓ ଗୁରୁଚରଣ ପ୍ରଧାନ, ଏସ୍‌ୟୁଓ ସୁଚରିତା ପରିଡା, ଜେୟୁଓ ଶୁଭେନ୍ଦୁ ଜେନା, ଜେୟୁଓ ଅଭିଜିତ ଜେନା, ଜେୟୁଓ ପୂର୍ଣ୍ଣିମା ଜେନା, ଜେୟୁଓ ପ୍ରୀତିପଦ୍ମା ଆଚାର୍ଯ୍ୟଙ୍କୁ ଅଧ୍ୟକ୍ଷ ପୁରସ୍କୃତ କରିଥିଲେ । ପରିଶେଷରେ ଲେଫ୍ଟନାଣ୍ଟ ସୀମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାଡେଟ ନିକିତା, କ୍ୟାଡେଟ ସାନୀୟା ମଞ୍ଚ ପରିଚାଳନା କରିଥିଲେ । ଶେଷରେ କ୍ୟାଡେଟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ମାଣବସା ଗୁରୁବାର

ସାଧାରଣତଃ ମାର୍ଗଶୀର ମାସଟି 'ମୃଗଶୀରା' ନକ୍ଷତ୍ରାନୁସାରେ ନାମିତ ହୋଇଛି। ଏହି ମାସରେ ପ୍ରଥମାଷ୍ଟମୀ, ଓଢ଼ଣୀ ଷଷ୍ଠୀ, କାଞ୍ଜିଅଳା ନବମୀ ଏବଂ ମାଣବସା ଗୁରୁବାର ପଡ଼େ। ମାଣବସା ଗୁରୁବାରେ 'ମହାଲକ୍ଷ୍ମୀ ପୂଜା' ହୁଏ। କୁହାଯାଏ ଯେ ବାରମାସ ମଧ୍ୟରେ ମାର୍ଗଶୀର ଶ୍ରେଷ୍ଠ ଅଟେ : ମାସାନାଂ ମାର୍ଗଶୀର୍ଷୋହଂ।

ଗୁରୁବାର ଦିନ ମହାଲକ୍ଷ୍ମୀ ବ୍ରତ ସାଧାରଣତଃ ମାର୍ଗଶୀର, ମାଘ, ବୈଶାଖ ଏବଂ ଆଷାଢ଼ ମାସରେ ପାଳନ କରାଯାଏ। କିନ୍ତୁ ମାଣବସା ଗୁରୁବାର କହିଲେ, ମାର୍ଗଶୀର ମାସର ଶେଷ ଗୁରୁବାର ଅର୍ଥାତ୍ ପୂର୍ଣ୍ଣମୀ ପୂର୍ବ ଗୁରୁବାରକୁ ବୁଝାଏ। ଏହା ଧାନ ଅମଳବେଳ। ଗୁରୁବାର ପୂର୍ବ ଦିନ ଅର୍ଥାତ୍ ବୁଧବାର ରାତିରୁ ଗୃହିଣୀମାନେ ଅରୁଆ ଚାଉଳ ପିଠଉର ଚିତ୍ତାରେ ଦାଣ୍ଡ ଦୁଆର ମୁହଁରୁ ମାଣପୂଜା ଘରଯାଏଁ ଲକ୍ଷ୍ମୀଙ୍କର ଆଗମନ ସୂଚକ ଚିତା ପକାନ୍ତି। ଏ ଚିତା ଲକ୍ଷ୍ମୀଙ୍କ ପାଦର ଚିହ୍ନ। ଘରଦ୍ୱାର, ବରଣ୍ଡା, ଅଗଣା ଏବଂ ବାରି କଲେଇ ଗଦାଯାଏଁ ଗୋବରରେ ଲିପାଯାଏ। ଏଥିରେ ଧାନଶିଷାର ଚିତା ପକାଯାଏ। ଏଥିରେ ଅନ୍ୟ ଚିତା ପଡ଼େ ନାହିଁ। ଏହି ସମୟରେ ଗାଁ ଦାଣ୍ଡରେ କଳେଇ ବୁହାଯାଇ ଖଳାକୁ ଅଣାଯାଏ। ଏହାକୁ ଲକ୍ଷ୍ମୀଙ୍କର ବିଜେ ବୋଲି ସ୍ୱାଗତ କରି ଦାଣ୍ଡରେ ତାଙ୍କ ପୂଜା କରାଯାଏ। ଏହାକୁ ଦାଣ୍ଡ ପହଁରା ଓଷା କହନ୍ତି। ଶେଷ ଗୁରୁବାରଟି ସ୍ୱତନ୍ତ୍ର। ଏହିଦିନ ମାଣପୂଜା ଅର୍ଥାତ୍ ଲକ୍ଷ୍ମୀପୂଜା କରାଯାଏ। ପୂର୍ବବତ୍ ସେହିଦିନ ସକାଳୁ ଗୃହ ଏବଂ ଅଗଣା ଇତ୍ୟାଦି ଗୋବରରେ ଲିପାଯାଏ। ସବୁଆଡ଼ ଅର୍ଥାତ୍ ପରିବେଶର ଶୁଦ୍ଧି ଏବଂ ପବିତ୍ରତା ରଖାଯାଏ। ନୂଆ ବେତ ଟୋକେଇ ଓ ଗୌଣିରେ ଶୁକ୍ଳଧାନ ପୂର୍ଣ୍ଣ କରାଯାଏ। ଶୁକ୍ଳଧାନର ମେଣ୍ଡାକୁ ବେଣୀଦ୍ୱାରା ମଣ୍ଡିତ କରି ଖଟୁଲି ଥାପେ, ଛୋଟ ମାଣରେ ବିରି ଭରି ରଖେ, ଓଡ଼ିଆ ହିନ୍ଦୁ ଗୃହିଣୀ। ଛିଟାକନାରେ ଖଟୁଲିକୁ ବୋହୂ ରୂପରେ ଘୋଡ଼ାଇ ଦିଏ। ଏକ ସୁନାର ଅଳଙ୍କାରକୁ ଲକ୍ଷ୍ମୀ ମନେକରି ସେ ଖଟୁଲିକୁ ପିନ୍ଧାଇ ଦିଏ। ଫଳଲଗା ଅଁଳା, ଫଳଲଗା କଣ୍ଟେଇ କୋଳି ଡାଳ, ମୂଳାଗଛ, ଆଖୁ ଗଣ୍ଡିରା, ସୋରିଷ ଫୁଲ ଓ ଗେଣ୍ଡୁଫୁଲ ଦେଇ ମାଣକୁ ସଜାଏ; ସିନ୍ଦୁର ଓ ଚନ୍ଦନ ତହିଁରେ ଲଗାଏ; ଧୂପ ଦୀପରେ ବନ୍ଦନା କରେ; ଛେନା, ଗୁଡ଼, ମଣ୍ଡାପିଠା, କାକରା, ବିରିବରା, ବିରି ଲଡୁ, ଖିରୀ ଓ ଚକୁଳି ପିଠା ଦେଇ ଭୋଗ କରେ। ଏହାପରେ ପରିବାରର ସମସ୍ତ ସଦସ୍ୟ ଲକ୍ଷ୍ମୀଙ୍କୁ ମୁଣ୍ଡିଆମରି ପ୍ରସାଦ ପାଆନ୍ତି। ଏ ଭୋଗ ପଡ଼ୋଶୀ ବା ବିବାହିତ ଝିଅମାନେ ପାଆନ୍ତି ନାହିଁ। ଏ ଭୋଗକୁ ଲାଗି କହନ୍ତି।

ଏହି ପୂଜାରେ ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀପୁରାଣ' ପଢ଼ାଯାଏ। ସଂଧ୍ୟାରେ ଧୂପ ଓ ଦୀପ ଦେଇ ମା'ଙ୍କର ପୂଜା କରାଯାଏ। ମାଣଧାନକୁ ତୋଳି ମାଣ ବଣାରେ ରଖାଯାଏ। ମାଣ ପାହିଲି, ଖଟୁଲି ଓ ଛିଟକନା ଏକତ୍ର ରଖାଯାଏ। କେହି କେହି ସେହି ଦିନ ବସାଇ ମାଣ ଉଜାଇଁ ଦିଅନ୍ତି; ଆଉ କେହି ମାଘ ମାସ ଶେଷଗୁରୁବାରେ ଉଜାନ୍ତି। କେହିବି ମାର୍ଗଶୀର ଶେଷ ପାଳିରେ ମାଣ ବସାଇ ପୌଷର ପ୍ରଥମ ଗୁରୁବାରେ ଉଜାନ୍ତି। ଉଜୁଆଁ ଧାନକୁ ଚାଉଳକରି ଖିରି କରାଯାଏ। ଏହା ପରିବାର ଛଡ଼ା ଅନ୍ୟ କେହି ପାଆନ୍ତି ନାହିଁ। ଲକ୍ଷ୍ମୀପୂଜା ଓଡ଼ିଶାର ଏକ କୃଷି ସଂପର୍କିତ ପୂଜା। ଏଣୁ ଧାନ ଅମଳବେଳେ ପ୍ରଥମେ ମାଣଧାନକୁ ପୂଜା କରାଯାଏ। ମାଣବସା ଗୁରୁବାର ନେଇ ରାଧାମୋହନ ଗଡ଼ନାୟକ କୁହନ୍ତି:

ଖଳାରେ ଖଳାରେ କଳେଇ ଗଦାର ସୁଷମା/ସକଳ ନୟନେ ଦିଶୁଛି ଅତୁଳା ଅସମା॥

ପିଠଉର ଝୋଟ ମେଲି ପାଖେ ଲେଖି ସରସେ/ପଲ୍ଲୀ ଘରଣୀ ଲକ୍ଷ୍ମୀ ପୂଜଇ ହରଷେ॥

ସ୍ୱାଗତ ଲକ୍ଷ୍ମୀ ପୌଷ/ଘରେ ଘରେ ତୁମେ ଆଣିଛ ଅନ୍ନ, ଆୟୁଷ॥ **: ସ୍ୱାଗତ ଲକ୍ଷ୍ମୀ ପଉସ**

ମାଣବସା ଓଡ଼ିଶାରୁ ଉତ୍ପତ୍ତି। ଓଡ଼ିଶାରେ ତା'ର ପୂଜା ବିଶ୍ୱାସ ଏହା ସାଧବ ପରିବାରରୁ ଉତ୍ପତ୍ତି ନେଇଛି। କିମ୍ବଦନ୍ତୀରୁ ମିଳେଯେ, କଳିଙ୍ଗର ଏକ ନଗରରେ ଚିତ୍ରକେତୁ ନାମକ ଏକ ଧନୀ ସାଧକ ଥିଲେ। ତାଙ୍କର ଶ୍ୟାମାନାମ୍ନୀ ଏକ କନ୍ୟା ପ୍ରଥମେ ମାଣବସା ବ୍ରତ କରି ଲକ୍ଷ୍ମୀଙ୍କୁ ପୂଜା କରୁଥିଲେ।

ଭକ୍ତକବି ବଳରାମ ଦାସ ମହାପ୍ରଭୁ ଜଗନ୍ନାଥଙ୍କର ଚରିତ୍ର ଓ ଚରିତ ବର୍ଣ୍ଣନାକରି ଏହି ଲକ୍ଷ୍ମୀପୁରାଣ ନାମକ ଅଭିନବ ଗ୍ରନ୍ଥ ରଚନା କରିଛନ୍ତି। ଏହା ସମାଜରେ ପ୍ରଚଳିତ ଦୁଇଟି ଘୃଣ୍ୟ ଏବଂ ନିନ୍ଦନୀୟ ପ୍ରଥା :

ନାରୀ ଦୁର୍ଦ୍ଦଶା ଏବଂ ଛୁଆଁ, ଅଛୁଆଁ ବରୁଦ୍ଧରେ ଏକ ସଂଗ୍ରାମ ନିମନ୍ତେ ଅଭିଯାନ। ନାରୀକୁ ସମ୍ମାନ ଦିଅ; ସମାଜରୁ ଛୁଆଁ ଅଛୁଆଁର ଜାତିଭେଦ ଉଠା। ଏହାହିଁ ଏହାର ସ୍ଲୋଗାନ। ଏହାକୁ ଆଧାର କରି ଲକ୍ଷ୍ମୀପୂରାଣର କାହାଣୀଟି ଏହିପରି ବର୍ଣ୍ଣିତ ହୋଇଛି: ମାଣବସା ଗୁରୁବାର ଦିନ ମା' ଲକ୍ଷ୍ମୀ ପ୍ରାତଃ କାଳରୁ ମନ୍ଦିର ଛାଡ଼ି ନଗର ମଧ୍ୟରେ ପହଞ୍ଚିଛନ୍ତି। ସେ ପ୍ରତିଘର ବୁଲି ତାଙ୍କ ପୂଜା ଦେଖୁଛନ୍ତି। ଶେଷରେ ସେ ଶ୍ରୀୟା ଚଣ୍ଡାଳୁଣୀ ପୂଜା ଓ ଭକ୍ତିରେ ପ୍ରୀତ ହୋଇ ତାକୁ ବରା ଯାଚିଛନ୍ତି: "ପୁଲକ ଭରେ ଲକ୍ଷ୍ମୀ ଦେବୀ ବୋଇଲେ; ଆଲୋ ଶ୍ରିୟା, ମୋହରି ପୂଜା କରିବା ପାଇଁ ତୋହର ଅଛି ହିୟା। ଆଶିଷ ଏବେ ଦେଉଛି ମୁହିଁ, ସକଳ ଶ୍ରୀ ଲଭିବୁ ତୁହି, ସୁଖରେ ଘର ଦୁଆର କରି; ରହିବୁ ମହାସୁଖେ/ଧରଣୀ ତଳେ କାଟିବୁ ଦିନ; ହରଷ କର ବୁକେ॥"

*-ଶ୍ରୀୟା ଚଣ୍ଡାଳୁଣୀ, ଶାମୁକାର ସ୍ୱପ୍ନ*

ଏହି ସମୟରେ ବଳରାମ ଓ ପ୍ରଭୁ ଜଗନ୍ନାଥ ମୃଗୟାରୁ ସେହି ପଥଦେଇ ଫେରିଲାବେଳେ ତାଙ୍କୁ ଦଖିଥିଲେ। ଏଣୁ ମନ୍ଦିର ବାହୁଡ଼ନ୍ତେ ବଳରାମ ଜଗନ୍ନାଥଙ୍କୁ କହିଲେ, ଲକ୍ଷ୍ମୀ ଅଛବ ଘରେ ବିଜେ କରିଥିଲା। ସେ ଜାତି ଅଜାତି ନମାନି ଯେଣେ ତେଣେ ପଶିଯାଉଛି ଏବଂ ଏପଟେ ଆସି ଶ୍ରୀ ମନ୍ଦିରକୁ ମଙ୍ଗୁଳି ଚାଲିଛି। ଲକ୍ଷ୍ମୀଙ୍କୁ କ୍ଷମା ନାହିଁ। ତାକୁ ମନ୍ଦିର ପ୍ରବେଶ ନିଷେଧ କରେ। ଜଗନ୍ନାଥ ସେହି କଥା ଲକ୍ଷ୍ମୀଙ୍କୁ ଶୁଣାଇଦେଲେ। ଲକ୍ଷ୍ମୀ ଏନେଇ ଜଗନ୍ନାଥ ଓ ବଳରାମଙ୍କ ସହିତ ତାଙ୍କ ପୂର୍ବ ଜନ୍ମର ଚରିତକୁ ବାଖ୍ୟାକରି ଜାତିଅଜାତିର ସଂଜ୍ଞା ବୁଝାଇଦେଲେ। ପୁନଶ୍ଚ ଅନୁନୟ ଓ ବିନୟ କଲେ। ତଥାପି ତାଙ୍କ ଯୁକ୍ତିକୁ ଗ୍ରହଣ କରାଗଲା ନାହିଁ। ତାଙ୍କୁ ମନ୍ଦିରରୁ ବିଦାକୀ କରାଗଲା। ଏଣୁ ଲକ୍ଷ୍ମୀ ଅଭିଶାପ ଦେଲେ:

***"ଯେବେ ଚନ୍ଦ୍ର ସୂର୍ଯ୍ୟ ହୁଅନ୍ତି ଆତଯାତ, ବୁଲିବୁଲି ମୁଠେ ତୁମେ ନପାଇବ ଭାତ। ଭିକ ମାଗିଲେ ତୁମ୍ଭଙ୍କୁ ଭିକ ନମିଳିବ, ରଙ୍କପରି ବୁଲିବୁଲି ଦରିଦ୍ର ହୋଇବ॥ ମୁଁ ଚଣ୍ଡାଳୁଣି ଯେବେ ତୋଳି ଦେବି ଭାତ, ତେବେ ସେ ଭୁଞ୍ଜିବ ହେ, ତ୍ରୈଲୋକର ନାଥ।"***

ଏହି ପଂକ୍ତିଗୁଡ଼ିକରେ ମହାଲକ୍ଷ୍ମୀଙ୍କର ଅନ୍ତରାଳରେ ଉତ୍କଳୀୟ ନାରୀର ମନୋଭାବନା ଫୁଟାଇ କବି ବଳରାମ ଦାସ, ତତ୍‌କାଳୀନ ସମାଜର ଏକ ବିଦ୍ରୋହ ବହ୍ନିର ପ୍ରଜ୍ୱଳନ କରିଛନ୍ତି।



ଏହାପରେ ମହାଲକ୍ଷ୍ମୀ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଇ ଏକ ସ୍ୱତନ୍ତ୍ର ସୁରମ୍ୟ ନବର ସମୁଦ୍ର କୂଳରେ ପ୍ରତିଷ୍ଠା କରି ରହିଛନ୍ତି। ବେତାଳମାନଙ୍କୁ ନିର୍ଦ୍ଦେଶ ଦେଇ ଶ୍ରୀ ମନ୍ଦିରକୁ ଶୂନ୍ୟ କରିଦେଇଛନ୍ତି। ଦୂଇ ଭାଇ ଲକ୍ଷ୍ମୀଛଡ଼ା ହୁଅନ୍ତେ, ଦାସଦାସି, ପଣ୍ଡା, ପଡ଼ିହାରୀ ଏବଂ ଅନ୍ୟମାନେ ପ୍ରଭୁଙ୍କର ସେବା ବନ୍ଦ କରିଦେଲେ। ଶେଷକୁ ବଳରାମ ଓ ଜଗନ୍ନାଥ ପଥର ଭିକାରୀ ପାଲଟିଗଲେ। ଅନ୍ନଜଳ କିଛି ମିଳିଲା ନାହିଁ। ପାଇବା ପଦାର୍ଥ ଉଭାନ ହେଲା। ପରିଶେଷରେ ଭୋକିଲା ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଞ୍ଚିଲେ। ତଥାପି ଜାତିର ଘୃଣ୍ୟମନ୍ୟତା ମନରୁ ଯାଇନାହିଁ। ରୋଷେଇ କରି ଖାଇବେ ବୋଲି କହିଲେ। ତାଙ୍କୁ ସବୁ ଯୋଗାଇ ଦିଆଗଲା ଅଥଚ ଚୁଲି ଜଳିଲା ନାହିଁ। ଏବେ ପାଟିରୁ ଫିଟିଲା : ଜାତି ପଛେ ଯାଉ ତା'ର ଘରେ ଖାଉ ଭାତ।

ଏଥର ଲକ୍ଷ୍ମୀ ନିଜେ ତାଙ୍କୁ ଅଭ୍ୟର୍ଥନା କଲେ। ସେମାନଙ୍କର ଚିହ୍ନ ପରିଚନ ହେଲା। ଦୁଇଭାଇ ତାଙ୍କୁ ମନ୍ଦିରକୁ ଫେରିବାକୁ ଅନୁରୋଧ କଲେ। ଏଥିକୁ ଲକ୍ଷ୍ମୀ ଅଭିମାନ କରି କହିଲେ :

"କମଳିନୀ ବୋଲୁଛନ୍ତି ଆଉ କାହିଁ ପାଇଁ, ଯେତେବେଳେ ତୁମେ ମୋତେ ଦେଲ ଘଉଡ଼ାଇ। ଏବେ ମୁଁ ଯେ ନଆସଇ ବିଜେ କର ତୁମେ, ଗୋବିନ୍ଦ ବୋଇଲେ : ଦୋଷ କରିଅଛୁ ଆମ୍ଭେ॥"

ଏଥିକୁ ମହାଲକ୍ଷ୍ମୀ ଉତ୍ତରିଲେ: "ପ୍ରଭୁହେ ତୁମ୍ଭ ଆଦେଶ ପାଇ ଦେଉଳ ଛାଡ଼ିଥିଲି, ପୁଣି ଏ ତୁମ ଆଦେଶ ପାଇ ଯିବି ମୁଁ ଯିବି ଫେରି॥ ମାତର ଦେବ ଗୋଟିଏ ଅଳି କୁହତ ଏବେ ବିଚାର କରି, ସେ ଯେଉଁ ପୂଜାରେ ମୋତେ ଘରକୁ ନେଲା ଟାଣି, ତାହାର କଥା କ'ଣ ଭଲା ବୁଝୁଛ ମହାମାନୀ॥"

ଉତ୍ତରରେ ପ୍ରଭୁ ଜଗନ୍ନାଥ କହିଲେ :

ଶ୍ରୀୟାର କରେ ତୁମେ ତ' ଦାନ ଦେଇଛ ଭରପୂର, ଶ୍ରୀୟାର ଯୋଗେ ଉଦ୍ଧରିବେ ଏବେ ତା' ଜାତିକୂଳ। ଏଣିକି ଆମ ଦେଉଳେ ଜାଣ ସଭିଏଁ ହେବେ ଏକଇ ପ୍ରାଣ, ଦେଉଳେ ଥିଲା ଯେ ଭେଦଭାଦ ଏଥର ହେଲା ରଦ, ଚଣ୍ଡାଳର ହାତରୁ ଦ୍ୱିଜ, ଖାଇବେ ମହାରଦ॥

***- ଶ୍ରୀୟା ଚଣ୍ଡାଳୁଣୀ : ଶାମୁକାର ସ୍ୱପ୍ନ॥***

ତେବେ ଏତିକି ନୁହେଁ, ଶ୍ରୀ ମନ୍ଦିରରୁ ଛୁଆଁ, ଅଛୁଆଁ ଦୂର କରିବା ସଂଗେ ସଂଗେ ସମାଜର ଗୃହିଣୀମାନଙ୍କ ମଧ୍ୟରେ ଆଶ୍ୱାସନା ବାଣୀ ଶୁଣାଇବା ଥିଲା ବଳରାମ ଦାସଙ୍କ ଉଦ୍ଦେଶ୍ୟ। 'ନାରୀ ଜାଗରଣ' ତଥା 'ଅସ୍ପୃଶ୍ୟତା ନିବାରଣ' ଏ ଦୁଇଟି ବିଷୟରେ ଆମେ ଗୁରୁତ୍ୱ ଦେଉଥିବା ବେଳେ, ଓଡ଼ିଶାର ଗଣକବି ବଳରାମ ଦାସ ଆଜକୁ ଦୀର୍ଘ ୪୦୦ବର୍ଷ ପୂର୍ବରୁ ଏ ସଂପର୍କରେ ପୁସ୍ତକ ରଚନା କରି ସଂଗ୍ରାମ କରିବା ସହ ଜନଜାଗରଣ ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଥିଲେ। ତେବେ ଦୁଃଖ ଯେ ସାଂପ୍ରତିକ ରାଜନୀତିରେ ଏ ଜାତି ରାଜନୀତି ଖୁବ୍ ଜୋରଦାର୍। ଏଠି ଆଉ ଜାତିଭେଦ ଦୂର ହେବ କିପରି ? ଏବେ ଜାତିକୁ ଯିଏ ଯୋଉ ସ୍ତରରେ ଅଛି ସେହି ସ୍ତରରେ ରଖି, ସଂରକ୍ଷଣ ନାଁରେ ଭୋଟ ମଗାଚାଲିଛି । ଏଣୁ ଦୁଃଖର ସହିତ କୁହାଯାଇପାରେ: ସମ୍ବିଧାନେ ଉଠେ ଜାତି/କରତି ଦେଉଛି ଛାତି॥ ଏବେବି ଆମେ ଅନ୍ଧତ୍ୱ ଏବଂ କୁସଂସ୍କାର ଭିତରେ ବୁଡ଼ି ରହିଛୁ। ଆମେ ଏ ମଣିଷ ଜାତିକୁ ଶତଧା ବିଭକ୍ତ କରି ଦୂରେଇ ଚାଲିଛୁ॥ ଏ ଦୃଷ୍ଟିରୁ ବିଚାରକଲେ ଲକ୍ଷ୍ମୀପୂଜା ଏବଂ ଲକ୍ଷ୍ମୀ ପୁରାଣର ମାନେ କିଛି ନାହିଁ। ତେବେ ଯାହାହେଉ, ଶ୍ରୀ ଜଗନ୍ନାଥଙ୍କ ସାହିତ୍ୟ ଭଣ୍ଡାରରେ 'ଲକ୍ଷ୍ମୀପୁରାଣ'ଟି ବଳରାମ ଦାସଙ୍କର ଏକ ମହାର୍ଘ ରତ୍ନ। ଏ ରତ୍ନକୁ ଠିକ୍ ବୁଝିପାରିଲେ ବୋଧହୁଏ ଆମ୍ଭମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ଦୂରତ୍ୱ ଅପସରି ଯିବ।

# ଓଡ଼ିଶାରେ ଅଙ୍ଗଦାନ ଆନ୍ଦୋଳନ

ଭୁବନେଶ୍ୱର (ପିଏନ୍): ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ। ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି। ଆମ ଦେଶରେ ଯକୃତ, ବୃକକ୍, ହୃଦୟ ଓ ଅଗ୍ନ୍ୟାଶୟ ପ୍ରତିରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାର – ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃଦୟ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ ଓ ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ଯକୃତ ଓ ବୃକକ୍। ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ। ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଚିକିତ୍ସକମାନେ ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ। ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ। ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ। ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ। ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ। ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଥାଏ। ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ। କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ। ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ। ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ। ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ। ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ। ଓଡ଼ିଶାରେ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଅନେକ ଗୁରୁତର ଓ ମୂର୍ମୁଷୁ ରୋଗୀ ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି। ଅନେକ କ୍ଷେତ୍ରରେ ସେମାନଙ୍କର ପରିବାର ବର୍ଗ ଅଙ୍ଗଦାନ ପାଇଁ ଇଚ୍ଛୁକ ଥିଲେ ମଧ୍ୟ ଜଟିଳ ଆଇନଗତ ବ୍ୟବସ୍ଥା ଯୋଗୁଁ ଅଙ୍ଗଦାନ କରିପାରନ୍ତି ନାହିଁ। ଓଡ଼ିଶାରେ କାଡ଼ାଭରିକ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ଯୋଜନା ରହିଥିଲେ ବି ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ ଯଦିଓ ପାଞ୍ଚ ବର୍ଷ ତଳୁ ଏ ନେଇ ମାନସ ମନ୍ଥନ ଚାଲିଛି। ଭାରତର ଅନ୍ୟ ପ୍ରଦେଶ ତଥା ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ତାମିଲନାଡୁ, କେରଳ, ତେଲେଙ୍ଗାନା, ଗୁଜୁରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟରେ ସୁବିଧା ଓ ସଫଳତାର ସହିତ କାଡ଼ାଭରିକ ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟ ଚାଲୁଛି। ତାମିଲନାଡୁ ଏ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସଦୃଶ। ଏହା ସମଗ୍ର ଦେଶରେ ଏ କ୍ଷେତ୍ରରେ ଆଗୁଆ ରାଜ୍ୟ ଭାବରେ ବର୍ତ୍ତମାନ ସର୍ବଶେଷ ପରିସଂଖ୍ୟାନ ଅନୁଯାୟୀ ୧୦୫୬ଜଣ ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଠାରୁ ୫୯୩୩ଟି ଅଙ୍ଗ କଢ଼ାଯାଇ ଅନ୍ୟ ରୋଗୀଙ୍କ କ୍ଷେତ୍ରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଛି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ବିଗତ ୨୦୧୬ରେ ତାମିଲନାଡୁରେ ୧୮୦ଜଣ ଅଙ୍ଗଦାତାଙ୍କ ଠାରୁ ୬୪୮ଟି ଅଙ୍ଗ ସଂଗ୍ରହ କରାଯାଇ ଅନ୍ୟ ରୋଗୀ ମାନଙ୍କ କ୍ଷେତ୍ରରେ ଲଗାଯାଇଛି। ୧୮୦ଜଣ ଅଙ୍ଗଦାତାଙ୍କଠାରୁ ୧୬୯ଟି ଲିଭର, ୩୪୦ଟି କିଡ଼ନୀ, ୫୦ଟି ଲଙ୍ଗସ୍, ୭୯ଟି ହୃତ୍‌ପିଣ୍ଡ ଓ ୧୦ଟି ଅଗ୍ନ୍ୟାଶୟ କଢ଼ାଯାଇଛି। ସେହିପରି ଭାରତର ଅର୍ଥନୀତି କ୍ଷେତ୍ରରେ ବେଶ ପ୍ରଭାବ ରଖିଥିବା ମହାରାଷ୍ଟ୍ରରେ ୧୩୨ଜଣ ଅଙ୍ଗଦାତାଙ୍କ ଠାରୁ ୧୨୬ଟି ଲିଭର, ୨୦୪ଟି କିଡ଼ନୀ, ୪୭ଟି ହୃତପିଣ୍ଡ, ଗୋଟିଏ ଅଗ୍ନ୍ୟାଶୟ ଓ ଗୋଟିଏ ଲଙ୍ଗସ୍ ସଂଗ୍ରହ କରାଯାଇ ଆବଶ୍ୟକତା ଥିବା ରୋଗୀ ମାନଙ୍କ କ୍ଷେତ୍ରରେ ପ୍ରତିରୋପଣ କରାଯାଇଛି। ତେଲେଙ୍ଗାନା ପରି ଏକ କ୍ଷୁଦ୍ର ଓ ନବଗଠିତ ରାଜ୍ୟରେ ଏହି କାଡ଼ାଭରିକ୍ ଟ୍ରାନ୍ସପ୍ଲାଣ୍ଟ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ନିଶ୍ଚୟ। ଏହି ରାଜ୍ୟରେ ୧୦୬ଜଣ ଅଙ୍ଗଦାତାଙ୍କ ଠାରୁ ୧୦୦ଟି ଲିଭର, ୧୮୨ଟି କିଡ଼ନୀ, ୧୫ଟି ହୃତ୍‌ପିଣ୍ଡ, ୪ଟି ଅଗ୍ନ୍ୟାଶୟ ଓ ୨ଟି ଲଙ୍ଗସ୍ କଢ଼ାଯାଇ ମୁମୂର୍ଷୁ ରୋଗୀ ମାନଙ୍କ ଠାରେ ପ୍ରତିରୋପଣ କରାଯାଇଛି। ମହାରାଷ୍ଟ୍ର, ତାମିଲନାଡୁ ପ୍ରମୁଖ ରାଜ୍ୟ ମାନଙ୍କରେ କାଡ଼ାଭରିକ ଟ୍ରାନ୍ସପ୍ଲାଣ୍ଟ ପ୍ରକ୍ରିୟା ଆଗେଇ ଚାଲିଛି। ନିୟମ ଅନୁଯାୟୀ ନିଜ ସମ୍ପର୍କୀୟଙ୍କଠାରୁ ଅଙ୍ଗ ସଂଗ୍ରହ କରାଯାଇ ସଂପୃକ୍ତ ରୋଗୀକୁ ପ୍ରତିରୋପଣ କରିବା ପାଇଁ ଦୀର୍ଘଦିନ ଧରି ପ୍ରତୀକ୍ଷାରେ ରହିବାକୁ ପଡୁଛି। ସବୁଠୁ ଉଦ୍‌ବେଗଜନକ ଘଟଣା ହେଉଛି ଯେ କାଡ଼ାଭରିକ୍ ଟ୍ରାନ୍ସପ୍ଲାଣ୍ଟ କ୍ଷେତ୍ରରେ ଆଇନଗତ ଦ୍ୱନ୍ଦ ରହୁଥିବାରୁ ଅଙ୍ଗ ସଂଗ୍ରହରେ ବିଳମ୍ବିତ କାରଣ ଯୋଗୁଁ ଅକାଳରେ ରୋଗୀଟିର ଜୀବନ ଚାଲିଯାଏ। ଓଡ଼ିଶାରେ ୨୦୧୫ରେ କାଡ଼ାଭରିକ ଟ୍ରାନ୍ସପ୍ଲାଣ୍ଟ ବ୍ୟବସ୍ଥା ଅତ୍ୟାଧୁନିକ ଆବଶ୍ୟକୀୟ ଉପକରଣ ସହ ଆରମ୍ଭ ହୋଇଛି ବୋଲି ଚିକିତ୍ସକମାନେ ମତବ୍ୟକ୍ତ କରିଥିଲେ। ଅତ୍ୟନ୍ତ ଜଟିଳ ଓ ମୁମୂର୍ଷୁରେ ଥିବା ରୋଗୀମାନେ ଆଇସିୟୁ ରହଣି ସମୟରେ ବ୍ରେନ୍ ଡେଡ୍ ହୋଇଗଲେ ପରିବାର ଲୋକଙ୍କ ଅନୁମତି ନିଆଯାଇ ରୋଗୀଟିର ଲିଭର, କିଡ଼ନୀ, ଲଙ୍ଗସ୍, କର୍ଣ୍ଣିଆ ଓ ପାନକ୍ରିଆଜ ପ୍ରଭୃତି ସଂଗ୍ରହ କରାଯାଇ ଅନ୍ୟଜଣଙ୍କ ଠାରେ ପ୍ରତିରୋପଣ କରାଯାଏ। ସ୍ୱାସ୍ଥ୍ୟ ବିଭାଗର ଯୋଜନା ଓ ବ୍ୟବସ୍ଥା ଅନୁଯାୟୀ ପାଞ୍ଚଟି ଉନ୍ନତମାନର ଆଇସିୟୁ ବେଡ଼୍ ଥିବା ସରକାରୀ ହସ୍ପିଟାଲ ଓ ଘରୋଇ ହସ୍ପିଟାଲ ଗୁଡ଼ିକୁ ହାର୍ଭେଷ୍ଟିଂ ସେଣ୍ଟର ଭାବେ ଘୋଷଣା କରାଯିବ। କେବଳ ସେତିକିନୁହେଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏହାର ନୋଡାଲ କେନ୍ଦ୍ର ଗଠନ ହେବ ବୋଲି ଘୋଷିତ ହୋଇଛି। ଏହି କେନ୍ଦ୍ରରେ ବେନ୍ ଡେଡ୍ ହୋଇଥିବା ରୋଗୀମାନଙ୍କ ଠାରୁ ଅଙ୍ଗ ସଂଗ୍ରହ କରାଯାଇ ଅନ୍ୟ ରୋଗୀ ମାନଙ୍କ ଠାରେ ପ୍ରତିରୋପଣ ନିମିତ୍ତ ସିଦ୍ଧାନ୍ତ ନିଆଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଅଙ୍ଗଦାନ କାର୍ଯ୍ୟକ୍ରମକୁ ଲୋକ ମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଦେବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ଗଣମାଧ୍ୟମରେ ସୂଚନା ତଥ୍ୟ ଦେବା ସହ ଇଲେକ୍‌ଟ୍ରୋନିକ ମିଡ଼ିଆରେ ସରକାରୀ ବ୍ୟବସ୍ଥିତ ସଚେତନଧର୍ମୀ, ଆଲୋଚନା ଓ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଓଡ଼ିଶାରେ ଅଙ୍ଗଦାନ ଆନ୍ଦୋଳନକୁ ସକ୍ରିୟ କରିବା ସହ ସମସ୍ତଙ୍କ ପାଖରେ ଏହି ସେବାମୂଳକ ସମ୍ପନ୍ନ ବାର୍ତ୍ତା ପହଞ୍ଚାଇବା ପାଇଁ ଓଡ଼ିଶାରେ ଅନେକ ବେସରକାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ନିୟମିତ ସମୟରେ କାର୍ଯ୍ୟକ୍ରମକୁ ହାତକୁ ନେଉଛନ୍ତି। କେବଳ ସେତିକିନୁହେଁ କିଛି ମାସ ତଳେ ଭାରତର ପ୍ରଧାନମନ୍ତ୍ରୀ ତାଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଅଙ୍ଗଦାନ ଆନ୍ଦୋଳନ ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ।




# ମୃତ୍ୟୁକ୍ଷେତ୍ର : ଧର୍ମଘଟ ଓ ଟ୍ରାଫିକ୍ ଜାମ୍

ଭୁବନେଶ୍ୱର (ପିଏନ୍): ଏକ ଛାତିଥରା ଘଟଣାକ୍ରମରେ ନିକଟଅତୀତରେ ଭୁବନେଶ୍ୱରର ପ୍ରମୁଖ ଗହଳି ଅଞ୍ଚଳ ନାଲକୋ ଛକରେ ଏକ ଆମ୍ବୁଲାନ୍ସ ଟ୍ରାଫିକ ଭିଡ଼ରେ ଫସି ତା' ଭିତରେ ଥିବା ଜଣେ କୋମଳମତି ଶିଶୁର ଜୀବନ ଚାଲିଗଲା। ସରକାରଙ୍କ ଉନ୍ନତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାର ଏହା ଏକ ନଗ୍ନ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ପିଲାଟିର ଅମୂଲ୍ୟ ଜୀବନଦୀପଟି ଲିଭିଗଲା। ଭୁବନେଶ୍ୱର ଟ୍ରାଫିକ ପୋଲିସ ଯେତେବେଳେ ବିନା ହେଲମେଟଧାରୀ ଗାଡ଼ିଚାଳକ ଓ ରଙ୍ଗରୁଟ୍‌ବାଲାଙ୍କ ପାଇଁ ଅତ୍ୟନ୍ତ କଠୋର ହେଉଛି ସେହି ସମୟରେ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଦାୟିତ୍ୱକୁ କିପରି ଅଣଦେଖା କରୁଛି ? କିଛିଦିନ ତଳେ ରଙ୍ଗରୁଟ୍‌ରେ ଆସୁଥିବା ଜଣେ ମହିଳାଙ୍କ ଆକୁତିଭରା ଟ୍ରାଫିକବାବୁଙ୍କୁ ଚାବି ଫେରାଇବାକୁ ନିବେଦନର ଭିଡ଼ିଓ ସୋସିଆଲ ସାଇଟରେ ଆଲୋଡ଼ନ ସୃଷ୍ଟି କରିଥିଲା। ନିଷିଦ୍ଧ ରାସ୍ତାରେ ଗାଡ଼ି ଚଲାଇ ଏହି ମହିଳା ଜଣଙ୍କ ଘରେ ତାଙ୍କ ପିଲାଟିକୁ ଛାଡ଼ି ଆସିଥିବାର ଦୁଃଖଦ କଷ୍ଟ ବି ସେ ପୋଲିସବାବୁଙ୍କୁ କହୁଥିଲେ ବି ତାଙ୍କ ଭିତରେ କିନ୍ତୁ ତିଳେମାତ୍ର ଦୟାମାୟା ନଥିଲା। ଏହିପରି ଘଟଣା ନିୟମିତ ଘଟୁଛି। ଟ୍ରାଫିକ ଜାମ ପରି ଧର୍ମଘଟ ମଧ୍ୟ ଆଜିର ସମୟରେ ଆମ ଜନଜୀବନର ବ୍ୟବସ୍ଥାକୁ ଦିନକୁ ଦିନ ଦୁର୍ବିସହ କରିଦେଉଛି। ଧର୍ମଘଟ ପ୍ରସଙ୍ଗ ଆଲୋଚନା କଲାବେଳେ ଦିଲ୍ଲୀ ସାଇନବାଗର ସିଏଏ ବିରୋଧୀ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିପାରିବେନି ବୋଲି ମାନ୍ୟବର ସୁପ୍ରିମକୋର୍ଟ କଡ଼ା ଅସନ୍ତୋଷରେ କହିଛନ୍ତି। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ମାଆ ତାଙ୍କ ଚାରିମାସର ଶିଶୁକୁ ଧରି ଆନ୍ଦୋଳନରତ ଥିଲେ ଓ ପରେ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ମାନ୍ୟବର କୋର୍ଟ ପ୍ରଶ୍ନ କରିଥିଲେ ଯେ ଚାରିମାସର ଶିଶୁ କ'ଣ ଆନ୍ଦୋଳନରେ ଅଂଶଗ୍ରହଣ କରିପାରିବ କି ? ସରକାରୀ କ୍ଷେତ୍ର, ବେସରକାରୀ ସଂଗଠନ ଓ ସରକାରଙ୍କ ବିଭିନ୍ନ ଉଦ୍ୟୋଗଠାରୁ ସବୁ କ୍ଷେତ୍ରରେ ନିଜ ଦାବି ଓ ମତ ଉପସ୍ଥାପନ ପାଇଁ ଧର୍ମଘଟର ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ପ୍ରସଙ୍ଗରେ ଧର୍ମଘଟର ଅବଧି ମାସ ମାସ ପର୍ଯ୍ୟନ୍ତ ଲମ୍ବିଯାଉଛି। ଧର୍ମଘଟ ସମୟରେ ରାଜପଥ ଅବରୋଧ ହୋଇ ମାଲ ପରିବହନ କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥାଏ। ଟନ ଟନ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହ ଜାଳେଣି ଗ୍ୟାସ ଓ ପେଟ୍ରୋଲର ଟ୍ୟାଙ୍କର ଅଟକି ସ୍ଥାନୀୟ ଅଞ୍ଚଳରେ ଖାଉଟିଙ୍କ ଅସନ୍ତୋଷକୁ ତୀବ୍ର ରୂପ ନେଇଥାଏ ମଧ୍ୟ। ଧର୍ମଘଟରେ ଅଭାବନୀୟ ଘଟଣା ବେଳେ ବେଳେ ଦେଖିବାକୁ ମିଳିଥାଏ। ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବା ସହ ଲୁଟପାଟ ମଧ୍ୟ ହୋଇଥାଏ। ସେହିପରି ବେସରକାରୀ କ୍ଷେତ୍ରରେ କ୍ଷତିର ତାଲିକା ଆହୁରି ଲମ୍ବିଥାଏ। ଧର୍ମଘଟ ପାଇଁ ଆମ୍ବୁଲାନ୍ସକୁ ବି ଠପ୍ କରିଦିଆଯାଏ। ମୁମୂର୍ଷୁ ରୋଗୀଟିର ଜୀବନଦୀପ ଲିଭିଯାଏ। ଟ୍ରେନ୍ ଅଟକି ରହେ ଯାହାଦ୍ୱାରା ନିଯୁକ୍ତି ପତ୍ର ପାଇଥିବା ପିଲାଟି ଚାକିରୀରେ ଯୋଗ ଦେବାରୁ ବଞ୍ଚିତ ହୋଇଥାଏ। ଏହିପରି ଅନେକ କ୍ଷତି ଧର୍ମଘଟର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦେଖିବାକୁ ମିଳିଥାଏ। ଆଉ ଧର୍ମଘଟ ବା ବନ୍ଦ ଡାକରାରେ ସାଧାରଣ ଖଟିଖିଆମାନେ କ୍ଷତିଗ୍ରସ୍ତ ହୋଇଥା'ନ୍ତି। ସେମାନଙ୍କ ଚୁଲି ଜଳିବା ବି ସମ୍ଭବ ହୋଇନଥାଏ। ପ୍ରଶ୍ନ ଉଠେ ଯେ ଧର୍ମଘଟ ବା ବନ୍ଦ ଡାକାରା ଶାନ୍ତିପୂର୍ଣ୍ଣ ଭାବେ ସଂଗଠିତ ହୋଇଥାଏ ବୋଲି ଦାବି କରାଯାଇଥାଏ, ହେଲେ ବାସ୍ତବିକ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଭିନ୍ନ। ଆଉ ଧର୍ମଘଟରେ ଯଦି ସରକାରୀକଳର ସମର୍ଥନ ଥାଏ ତାହାହେଲେ ତ' ଅବସ୍ଥା ମୁସ୍କିଲ୍। ଧର୍ମଘଟକୁ ତୀବ୍ର ବିରୋଧ କରାଯାଇ ଏଥିନେଇ ନ୍ୟାୟାଳୟ ଏହା ଉପରେ ଅନେକ ସମୟରେ ରୋକ୍ ଲଗାଇଛନ୍ତି। ହେଲେ ଧର୍ମକୁ ଆଖିଠାର ମାରିଲା ପରି ନ୍ୟାୟାଳୟର ଗୁରୁତ୍ୱପୂର୍ଣ୍ଣ ରାୟକୁ ଅଳିଆ ଗଦାରେ ଏକପ୍ରକାର ଫୋପଡାଯାଇ ଧର୍ମଘଟ ଚାଲୁଛି।

ବିଭିନ୍ନ ସମୟରେ ଦେଶର ପ୍ରମୁଖ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତବନ୍ଦ ଡାକରା ଦିଆଯାଉଛି। ଆମ ରାଜ୍ୟର କେତେକ ସ୍ଥାନରେ ବି ଏହାର ପ୍ରଭାବ ଅନୁଭୂତ ହୋଇଛି। କଟକ-ଭୁବନେଶ୍ୱର ଭଳି ମହାନଗରୀରେ ବସ୍, ଅଟୋ ଇତ୍ୟାଦି ଯାତ୍ରୀ ଯାନବାହନ ଚଳାଚଳ ବନ୍ଦ ରହିବା ଦ୍ୱାରା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପେଟ୍ରୋଲପମ୍ପ ବନ୍ଦ ଥିବାରୁ ସେମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ବ୍ୟାଙ୍କ ବନ୍ଦ ରହିଥିବାରୁ ଟଙ୍କାପଇସା କାରବାର କରାଯାଇପାରୁନାହିଁ। ଗୋଟିଏ କଥାରେ କହିଲେ ଦେଶର ପ୍ରମୁଖ ଅଞ୍ଚଳଗୁଡ଼ିକରେ ବନ୍ଦ ପ୍ରଭାବରୁ ଲୋକେ ଅସୁବିଧା ଭୋଗୁଛନ୍ତି। ତେବେ ବଡ଼ ପ୍ରଶ୍ନ ହେଉଛି, ଏ ଦେଶବ୍ୟାପୀ ଧର୍ମଘଟ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ପ୍ରତି ସରକାର କ'ଣ ଧ୍ୟାନ ଦେବେ? ଯେଉଁ ସମସ୍ୟା ରହିଛି, ତା'ର ସମାଧାନ କରିପାରିବେ? ଭାରତର ଅର୍ଥବ୍ୟବସ୍ଥା ଏବେ ଯେଉଁ ସ୍ଥିତିରେ ରହିଛି, ସେଥିରେ ଏଭଳି ଧର୍ମଘଟର କୁପ୍ରଭାବ ବହୁ ସମସ୍ୟାକୁ ଜନ୍ମଦେବ ସିନା ସମସ୍ୟା ନିବାରଣରେ ସାହାଯ୍ୟ କରିପାରିବ ନାହିଁ। ତେଣୁ ଯେଉଁମାନେ ଧର୍ମଘଟ କରୁଛନ୍ତି, ସେମାନେ ଏଥିନେଇ ବହୁବାର ଚିନ୍ତା କରିବାର ଆବଶ୍ୟକତା ରହିଛି। ଏପରିସ୍ଥଳେ ଧର୍ମଘଟ ଅର୍ଥନୀତି ପାଇଁ ଦିନକୁ ଦିନ ଘାତକ ସାବ୍ୟସ୍ତ ହେଉଛି। ସବୁଠୁ ବଡ଼ ଚିନ୍ତାର ବିଷୟ ହେଉଛି ବିଭିନ୍ନ କ୍ଷେତ୍ରରେ ବିଦେଶୀ ପୁଞ୍ଜି ଲଗାଣ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ସେପରି ହେଲେ ଅର୍ଥବ୍ୟବସ୍ଥା ଉପରେ ତା'ର ସିଧାସଳଖ କୁପରିଣତି ଦେଖିବାକୁ ମିଳୁଛି। ଏଥିନେଇ ସତର୍କ ହେବା ଜରୁରୀ। ଧର୍ମଘଟକାରୀମାନେ କେବଳ ସରକାରଙ୍କ ଧ୍ୟାନ ଆକର୍ଷଣ ପାଇଁ ଯେତିକି କରିବା କଥା କରନ୍ତୁ, ନଚେତ୍ ଏହା ଆମ ସଭିଙ୍କ ପାଇଁ ଦୁଃସମ୍ବାଦ ନେଇ ହିଁ ଆସିବ।

# ନୂଆଖାଇ କୃଷିଭିତିକ ଏକ ମହାନ୍ ପର୍ବ

ଖୋର୍ଦ୍ଧା (ପିଏନ୍): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ମାନ୍ୟବର ଭାରତର ପ୍ରଧାନ ମନ୍ତ୍ରୀ ଓ ଓଡିଶାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶାନୁସାରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ନୂଆଁଖାଇ- ୨୦୨୧ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ ଯୋଗ ଦେଇ କହିଥିଲେ ଚଳିତ ବର୍ଷ ଆମ ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଉପଲକ୍ଷେ ଆମ ସରକାର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଏହିପରି କାର୍ଯ୍ୟକ୍ରମ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗ ତରଫରୁ ସମସ୍ତ ଜିଲ୍ଲା ସଦର ମହକୁମାରେ ପାଳନ କରାଯାଉଛି। ଏକଧାରାରେ ଏହି ନୂଆଁଖାଇ ପର୍ବ କୃଷିଭିତ୍ତିକ, ସାମାଜିକ ଓ ସାଂସ୍କୃତିକ ପର୍ବ। ଆମ ଦେଶର ସଂସ୍କୃତି ସମଗ୍ର ଦେଶରେ ଅନନ୍ୟ ଆମ ଦେଶ ସମସ୍ତିଙ୍କର ମାର୍ଗଦର୍ଶକ ଭାବେ ବିଶ୍ୱରେ ଖ୍ୟାତି ଅର୍ଜନ କରିଛି। ତେଣୁ ଆମେମାନେ ଗର୍ବିତ। ଆମ ସନାତନ ସଂସ୍କୃତି ସମସ୍ତ ଦେଶ ତଥା ବିଶ୍ୱପାଇଁ ଗବାକ୍ଷ ସଦୃଷ। ଆମ ଦେଶର ଐତିହ୍ୟ, ନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆନ୍ତର୍ଜାତିକ ସ୍ତରରେ ସୁଖ୍ୟାତି ଅର୍ଜନ କରିଛି। ତେଣୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସଂସ୍କୃତି ଗବେଷକ ଗୋପାଳକୃଷ୍ଣ ଦାସ ଯୋଗଦେଇ କହିଥିଲେ ନୂଆଖାଇ ଏକ କୃଷିଭିତିକ ପର୍ବ। କୃଷକ ମାନେ ଆମ ଦେଶର ମେରୁଦଣ୍ଡ। ପଶ୍ଚିମାଂଚଳର ଏହା ଏକ ଗଣପର୍ବ ଭାବେ ପାଳନକରାଯାଏ ଏବଂ ସମଗ୍ର ଦେଶକୁ ଭାଇଚାରାର ବାର୍ତ୍ତା ଦେଇଥାଏ। ସମ୍ମାନୀତ ଅତିଥି ଭାବେ ପ୍ରଫେସର୍ ଡଃ ନାରାୟଣ ରାଓ ଯୋଗଦେଇ ନୂଆଖାଇର ନଅଟି ପର୍ଯ୍ୟାୟ ବିଷୟରେ ଆଲୋକପାତ କରିବାସହ ଏହାଏକ ଭେଟଘାଟର ପର୍ବବୋଲି ଅଭିହିତ କରିଥିଲେ। ସମ୍ମାନିତ ବକ୍ତାଭାବେ ଯୋଗଦେଇ ବିଶିଷ୍ଟ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ ଏହା ଏକ କୃଷିଭିତିକ ପର୍ବ ଏବଂ କୃଷିପାଇଁ ଅଙ୍ଗିକାର ବଦ୍ଧତା ଏହି ପର୍ବର ଅନ୍ତସ୍ୱର। ଗାଁ ମାଟିପାଇଁ ମମତ୍ୱବୋଧ ତଥା ବିବିଧତ୍ୱ ମଧ୍ୟରେ ଏକତ୍ୱର ପ୍ରତିଷ୍ଠା ହେଉଛି ଏହାର ମୂଳ ଲକ୍ଷ। ଏହି ଆଦର୍ଶକୁ ନେଇ ପାଳିତ ହେଉଥିବା ପର୍ବଟି ହେଉଛି ନୂଆଁଖାଇ। ଏହି ନୂଆଁଖାଇ ପର୍ବ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ପାଟଣାଗଡ ଅଂଚଳର ଚୌହାନ ରାଜବଂଶର ରମାଇ ଦେଓ ଙ୍କ ଶାସନକାଳରୁ ଆରମ୍ଭ ହୋଇଥିବାର ଐତିହାସିକ ମାନେ ମତ ଦିଅନ୍ତି। ଓଡିଶାର ଜନଜୀବନ ସହିତ ଏହାର ଘନିଷ୍ଠ ସମ୍ପର୍କ ରହିଛି ବୋଲି ପ୍ରସାଦ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ, ଭୀମସେନ ପ୍ରଧାନ, ଜିଲ୍ଲା କଳାସଂସ୍କୃତି ସଂଘର ଉପସଭାପତି ରାମଚନ୍ଦ୍ରକର, ଶ୍ୟାମ ସିନ୍ଧୁର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା କଳା,ସଂସ୍କୃତି,ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଲୋକସମ୍ପର୍କ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇମାମି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର (ପିଏନ୍)-ବାଲଗୋପାଳପୁର ସ୍ଥିତ ଇମାମି କାଗଜ କଳରେ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଉତ୍ତରପ୍ରଦେଶର ଆତ୍ମାରାମ ଦିୱେଦି (୩୮)। ସେ କାରଖାନାର ୩ ନମ୍ବର କାଗଜ କଳ ସିଫ୍ଟ ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ଚାପରେ ରହୁଥିବା ଆତ୍ମାରାମ ମୃତ୍ୟୁ ପୂର୍ବରୁ ଆଭାସି ମାଧ୍ୟମରେ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ଭିତର ପଟୁ କବାଟ ବନ୍ଦ କରି ପଙ୍ଖାରେ ଲୁଗା ବାନ୍ଧି ଝୁଲି ପଡ଼ିଥିଲେ।

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଜୁନ ୨୬ ତାରିଖକୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତା'ର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଯଥା - (୧) ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମଦତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। (୨) ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ (ଧର୍ଷଣ, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ। ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧାୟ: ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶାଦ୍ରବ୍ୟର ବ୍ୟବହାର: ଭାରତରେ ନିଶାଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏହା ସୂଚନାଯୋଗ୍ୟ ବର୍ତ୍ତମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

## ୨୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଗିରଫ ହେଲେ ନିରଞ୍ଜନ

କେନ୍ଦ୍ରାପଡ଼ା (ପିଏନ୍):୨୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ହୋଇଛି ଠକ ନିରଞ୍ଜନ ସାହୁ। ଅଭିଯୋଗ ଅନୁଯାଇ ଟାଉନ ଥାନା ଅନ୍ତର୍ଗତ ବଡହାଟ ମୌଜାର ସୁରେଶ ମର୍ଦ୍ଦରାଜଙ୍କ ଠାରୁ ଚାଟରାପାଟଣା ଗ୍ରାମର ନିରଞ୍ଜନ ସାହୁଙ୍କ ଠାରୁ ଧାରସୁତ୍ରରେ ଚୁକ୍ତି କରି ଅର୍ଥ ନେଇଥିଲେ ନିରଞ୍ଜନ। କିନ୍ତୁ ସେହି ଟଙ୍କା ଫେରାଇବାର ନାଁ ଗନ୍ଧ ଧରି ନଥିଲେ। ଉଧାର ଟଙ୍କା ଫେରସ୍ତ ମାଗିବାରୁ ନିରଞ୍ଜନ ବ୍ୟବସାୟୀ ସୁରେଶ ଓ ତାଙ୍କ ପତ୍ନୀଙ୍କୁ ଧମକଚମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସୁରେଶ ଟାଉନ ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୧୬୧/୨୧ରେ ଆଇ.ପି.ସି.ର ଧାରା ୩୪୧, ୩୨୩, ୨୯୪, ୩୫୪(ବି), ୩୭୯, ୪୧୯, ୪୨୦, ୪୦୭, ୫୦୬ ଓ ୧୩୮ ଦଫାରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। କିନ୍ତୁ ନିରଞ୍ଜନ ଫେରାର ହୋଇଯାଇଥିଲା। ଏକ ବିଶେଷ ସୁତ୍ରରୁ ଖବର ପାଇ ପୋଲିସ ନିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସର ସୂଚନା ଅନୁଯାୟୀ ନିରଞ୍ଜନ ନାମରେ ପୂର୍ବରୁ ଅନେକ ଗୁଡିଏ ମାମଲା ରହିଛି। ଟିଟୋଲିଙ୍କରେ ସେ ଗିରଫ ହୋଇ ଜେଲ ଯାଇଥିଲା। ତିନିମାସ ଜେଲରେ ରହିବା ପରେ ଜାମିନରେ ଆସିଥିଲା।

## ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ବାଲେଶ୍ୱର (ପିଏନ୍)-ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଆତଙ୍କରାଜ। ତେଲେଙ୍ଗା କଟୁରୀ ସାହାର୍ଯ୍ୟରେ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ଓ ହେଲପରଙ୍କୁ ଆକ୍ରମଣ ଅଭିଯୋଗ। ମାତ୍ର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ୧୦୮ ଆମ୍ବୁଲାନ୍ସର କାଚ ଓ ଟାୟାର ନଷ୍ଟ ହୋଇଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ସୂଚନା ଯୋଗ୍ୟ ଯେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଜଣେ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ସନ୍ଧ୍ୟା ସମୟରେ ରୋଗୀଆଣି ଆସିଥିଲେ। ରୋଗୀ ଜଣକୁ ମା ଓ ଶିଶୁ ବିଭାଗରେ ଛାଡ଼ି ୱାର୍ଡ଼ ଆଗରେ ଛିଡ଼ା ହୋଇଥିବା ବେଳେ ଏକ ଘରୋଇ ଆମ୍ବୁଲାନ୍ସ ନଂ-(ଓଡ଼ି-୦୧ଇ-୬୯୨୦) ଆସିଥିଲା। ସେଥିରୁ ଡ୍ରାଇଭର ଜଣକ ଓହ୍ଲାଇ ୧୦୮ରେ ଥିବା ଡ୍ରାଇଭର ଶଶିକାନ୍ତ ଦାସ ଓ ହେଲପରକୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲା। ଆକ୍ରମଣକାରୀ ଜଣକ ୧୦୮ର ଆଗ କାଚକୁ ତେଲେଙ୍ଗା କଟୁରୀରେ ହାଣିଥିଲା। ପରେ ଟାୟାରକୁ ହାଣି ଥିଲା। ପରେ ଶଶିକାନ୍ତକୁ ଆକ୍ରମଣ କରିବାରୁ ସେ ଓ ହେଲପର ସେଠାରୁ ଦୌଡ଼ି ହସ୍ପିଟାଲ ଫାଣ୍ଡିକୁ ପଳାଇ ଯାଇଥିଲେ। ପୋଲିସ ଆସି ସେଠାରେ ପଡ଼ିଥିବା ଏକ ତେଲେଙ୍ଗା କଟୁରୀ ଓ ଦୁର୍ବୃତର ଜୋତାକୁ ଜବଦ କରିଛି। ଏ ନେଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଶଶିକାନ୍ତ ହସ୍ପିଟାଲ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ପୁଣି ଟେଣ୍ଡର ହାତେଇବା ପାଇଁ ମଞ୍ଜୁଶ୍ରୀ ଓ ସ୍ୱର୍ଣ୍ଣଦେବୀ ଏଜେନ୍ସିର ଉଦ୍ୟମ

ବାଲେଶ୍ୱର (ପିଏନ୍)-ବିଗତ ଦେଢ ବର୍ଷରୁ ଉର୍ଦ୍ଧ୍ୱ ବାଲେଶ୍ୱର ସହରର ପରିମଳ ବ୍ୟବସ୍ଥାର ଠିକା କଟକର ଦୁଇ ଠିକା ସଂସ୍ଥା ମଞ୍ଜୁଶ୍ରୀ ଏବଂ ସ୍ୱର୍ଣ୍ଣଦେବୀ ସର୍ଭିସେସ ଉପରେ ନେସ୍ତ ଥିଲା। ଏହି ଦୁଇ ଠିକା ସଂସ୍ଥାକର ବିପର୍ଯ୍ୟ ପରିଚାଳନା ଯୋଗୁଁ ସହରର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ନିମ୍ନଗାମୀ ହୋଇପଡ଼ିଲା। ସହର ବାସୀ ଅତିଷ୍ଠ ହୋଇପଡ଼ିବାରୁ ବାଲେଶ୍ୱର ସଦର ବିଜେପି ପୌରପାଳିକା ଘେରାଉ କରିବା ସଙ୍ଗେ ସଙ୍ଗେ ପୌରପ୍ରଶାସନକୁ ନୂଆ ଟେଣ୍ଡର ଆଗତ କରିବାକୁ ବାଧ୍ୟ କରିଥିଲା ଏବଂ ଫଳତଃ ପୌରପ୍ରଶାସନ ତା.୨୬.୦୮.୨୦୨୧ରିଖରେ ନୂଆ ଟେଣ୍ଡର ଆଗତ କରିଥିଲା। ଏହି ସ୍ୱାଗତଯୋଗ୍ୟ ପଦକ୍ଷେପ ପାଇଁ ସଦର ବିଜେପି ପ୍ରଶାସନକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହି ଦୁଇ ଠିକା ସଂସ୍ଥା ମଞ୍ଜୁଶ୍ରୀ ଏବଂ ସ୍ୱର୍ଣ୍ଣଦେବୀ ସର୍ଭିସେସକୁ ଆଉଥରେ ନ ଦେବା ପାଇଁ ଅନୁରୋଧ କରିଛନ୍ତି ଏବଂ ଲଟେରୀ ବ୍ୟବସ୍ଥାକୁ ନଯାଇ ଉଚିତ ମୂଲ୍ୟାଙ୍କନ କରାଯାଇ ଯୋଗ୍ୟ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବାର ଆଶା ପ୍ରକଟ କରିଛି।

## ଶ୍ରୀଲିଙ୍ଗରାଜଙ୍କ ସମ୍ପତି ହଡ଼ପ ବିରୋଧରେ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ



ଭୁବନେଶ୍ୱର (ପିଏନ୍): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ହଡ଼ପ ସହ ୪୦କୋଟି ଟଙ୍କା ହଡ଼ପ ଯୋଜନା ବିରୁଦ୍ଧରେ ସ୍ୱର ଉତଳନ କରିଛନ୍ତି ସ୍ଥାନୀୟ ଲୋକ ଓ ସେବାୟତ। ଏନେଇ ସେମାନେ ବିଏମ୍‌ସି କାର୍ଯ୍ୟାଳୟ ଓ ବିଏମ୍‌ସି କମିସନରଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପ୍ରକାଶ ଥାଉକି, ମନ୍ଦିର ଉତର ପାର୍ଶ୍ୱରେ ୧୦୦ମିଟର ଦୂରରେ ଥିବା ଯାତ୍ରୀ ନିବାସ(କୋରାପୁଟ୍ ଭବନ)। ଯାହାର ମୂଳ ମାଲିକ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ମାର୍ଫତ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ। ସେଥିରେ ଅଂଚଳ ବଟୁ, ପତ୍ନୀ ବବିତା ବଟୁ ଏହି ଭୂ-ସମ୍ପତିର ମୂଳ ରେକର୍ଡକୁ ଚଟଂକତା ପୂର୍ବକ ପରିବର୍ତନ କରି ନିଜ ନାମରେ କରବା ସହ ଅଟ୍ଟାଳିକା ନିର୍ମାଣ୍ଡ କରି ଘରୋଇ ଯାତ୍ରୀ ନିବାସରେ ଭଡ଼ା ଲଗାଇ ଅର୍ଥ ଉପାର୍ଜନ କରିଛଁ। ଏବେ ଏକାମ୍ର ଯୋଜନାରେ ଏହି ଜମିରେ କ୍ଷତି ୪୦କୋଟ ଟଙ୍କାର କ୍ଷତି ପୁରଣ ପାଇଁ ମସୁଧା ଚାଲିଛି। ଏଥି ସହ ଜମି ବଦଳରେ ନୂଆ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ୍ ନିକଟରେ ଜମି ଦେବାକୁ ବିଏମ୍‌ସ ପତ୍ରସଂଖ୍ୟା ୬୯୯୫୩ରେ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଚିଠି କରାଯାଇଛି। କୁହାଯାଇଛି ଯେ, ଟ୍ରଷ୍ଟ ବୋର୍ଡରେ ଅନୁମୋଦନ କରି ଠାକୁରଙ୍କ ୪୬୨ଡିସିମିଲ ତାଙ୍କୁ ପ୍ରଦାନ ପାଇଁ ଚିଠି କରାଯାଇଛି। ଏହା ଦ୍ୱାରା ମହାପ୍ରଭୁଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେବାକୁ ଯାଉଛି। ଶ୍ରୀଲିଙ୍ଗରାଜଙ୍କ ଜମିରେ ଘରୋଇଙ୍କୁ ମିଥ୍ୟା ବିଲ୍ କରାଯାଇ ଶତକଡ଼ା ୯୫ଗୁଣା କ୍ଷତି ପୂରଣ ଦେବାକୁ ବିଏମ୍‌ସି ଯୋଜନା କରିଛି। ଏଥିରେ କିଛି କୁଜି ଓ ପୂର୍ବତନ କର୍ପୋରେଟରଙ୍କ କାରସାଦି ଦ୍ୱାରା ମହାପ୍ରଭୁଙ୍କ କୋଟି କୋଟି ଟଙ୍କା କ୍ଷତି ହେଉଥିବାରୁ ଏହାର ପ୍ରତିବାଦରେ ଏକାମ୍ର ଜନ ଜାଗରଣ ମଂଚ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲା। ମଂଚର ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରୋଜ ମିଶ୍ର, ଗୋପିନାଥ ପ୍ରଧାନ, ମାନସ ପତି, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ରାକେଶ ନାୟକ, ରାଜେନ୍ଦ୍ର କୁମାର ନାଥ,ମୁଲତା ପଟ୍ଟନାୟକ, ବିନୋଦୀନୀ ସେନାପତି, ବିଷ୍ଣୁ ପ୍ରୀୟା ଜେନା, ମାନସୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଘରେ ପଶି କଳାକନା ବୁଲାଇଲେ ଚୋର : ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଚୋରୀ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କୁଇଦାସପୁର ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘରେ କେହିନଥିବାର ସୁଯୋଗରେ ଚୋର ପଶି କଳାକନା ବୁଲାଇ ଦେଇଛନ୍ତି। ସେହି ଗ୍ରାମର ମନୋଜ କୁମାର ବାରିକ ପରିବାର ସହିତ ତାଙ୍କ ଚାକିରୀ ସ୍ଥାନରେ ରୁହନ୍ତି। ତେଣୁ ତାଙ୍କ ଦୁଇ ମହଲା ବିଶିଷ୍ଟ ଘରଟି ଦୀର୍ଘଦିନ ହେବ ତାଲାପଡି ରହିଛି। ତେଣୁ ସେହି ଘରେ କେହି ରହୁନଥିବାର ସୁଯୋଗ ନେଇ ଶନିବାର ରାତିରେ ଦୁର୍ବୃତ କବାଟ ଭାଙ୍ଗି ଘରେ ପଶି ଆଲମାରିରେ ଥିବା ୧୪୪ଗ୍ରାମ ଓଜନର ସୁନା ଗହଣା ସମେତ ନଗଦ ଟଙ୍କା ଚୋରୀ କରିନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପଡୋଶୀଙ୍କ ଠାରୁ ଖବର ପାଇ ମନୋଜ ଗ୍ରାମରେ ପହଞ୍ଚି ଦେଖନ୍ତି ତ ଘର ଭିତରେ ଥିବା ଆଲମାରୀ ଓ ବାକ୍ସ ତଡାଯାଇଥିବା ବେଳେ ସମସ୍ତ ଜିନିଷପତ୍ର ବିକ୍ଷିପ୍ତ ଭାବେ ଏଣେ ତେଣେ ପଡିଛି। କିନ୍ତୁ ନଗଦ ଟଙ୍କା ଓ ସୁନା ଗହଣା ବ୍ୟତିତ ଅନ୍ୟ ଆସବାବପତ୍ର ସୁରକ୍ଷିତ ଥିବା ମନୋଜ କହିଛନ୍ତି। ସଦର ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## କେନ୍ଦ୍ରାପଡା ଜିଲ୍ଲାରେ ୯କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ସୋମବାର ୯ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଗରଦପୁର ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ୨ଜଣ, ମାର୍ଶାଘାଇ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୪ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Saturday September 14 2024 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୧୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମା' ମାଣିକେଶ୍ୱରୀଙ୍କ ପାଖରେ ଲାଗି ହେଲା ନବାନ୍ନ

ଭୁବନେଶ୍ୱର,(ପି.ଏନ): ଆଜି କଳାହାଣ୍ଡି ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହୋଇଛି । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ମା' ମାଣିକେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହୋଇଥାଏ । ସର୍ବସାଧାରଣଙ୍କ ନିମନ୍ତେ ସକାଳ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୬ ମଧ୍ୟାରେ ନବାନ୍ନ ସେବନ କରିବାର ଲଗ୍ନ ଧାର୍ଯ୍ୟ ହୋଇଛି । ସମସ୍ତ ଅଞ୍ଚଳବାସୀ ନିଜ ନିଜ ଇଷ୍ଟଦେବୀଙ୍କ ପାଖରେ ଭୋଗ ଲଗାଇ ନୂଆଁ ଖାଇବେ ।କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର, ମଦନପୁର ରାମପୁର, ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ଜୟପାଟଣା ସମେତ ଗଡ଼ଜାତ ଅଞ୍ଚଳରେ ଆଜି ନୂଆଁଖାଇ ଅନୁଷ୍ଠିତ ହେଉଛି । ଏହି ପର୍ବ କୃଷି ସହ ଜଡିତ



ଥିବାରୁ ଚାଷୀମାନେ ମଧ ବେଶ ଉତ୍ସାହିତ । ସୂଚନାଯୋଗ୍ୟ, କଳାହାଣ୍ଡି ଜିଲାରେ ପାଞ୍ଚଟି ପର୍ଯ୍ୟାୟରେ ନୂଆଁଖାଇ ପାଳନ ହେଉଥିବା ବେଳେ ଧର୍ମଗଡ ଉପଖଣ୍ଡ ଆଞ୍ଚଳ ସମେତ ଜିଲ୍ଲାର ପ୍ରାୟ ସ୍ଥାନରେ ପଞ୍ଚମୀ ତିଥିରେ ପର୍ବ ପାଳନ ହେଇସାରିଛି।

## ବମକୁରା ହାଇସ୍କୁଲରେ ଧାମନଗର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ

ଧାମନଗର,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ବମକୁରା ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ୍ କ୍ରୀଡ଼ା ସମ୍ପାଦକ ମାନସ ରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମୂରଲୀଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା,ଜୟ କିଷନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର,ଅବସରପ୍ରାପ୍ତ ଶିକ୍ଷକ ହରି ହର ସାମଲ, ବମକୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପାଣିଗ୍ରାହୀ,ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ କରସର୍ମା,ଶିକ୍ଷକ ଦିଲ୍ଲୀପ କୁମାର ରାଉତ ପ୍ରମୁଖ ଅତିଥି ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରାରମ୍ଭରେ ଶିକ୍ଷକ ମଧୁସୂଦନ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସୁଭଲକ୍ଷ୍ମି ସାହୁ ସମସ୍ତଙ୍କୁ




ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ପଣ୍ଡା ଖେଳକୁ ପରିଚାଳନା କରିଥିବା ବେଳେ ଦୁଇ ଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରୁ ଯୋଗ୍ୟ ବିବେଚିତ କ୍ରୀଡାବିତ୍ ମାନେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଖେଳ ଶିକ୍ଷକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ଉପଲକ୍ଷେ ଜରୁରୀକାଳୀନ ଭିତ୍ତିରେ ଆରମ୍ଭ ହେଲା ଜାତୀୟ ରାଜପଥ ମରାମତି କାର୍ଯ୍ୟ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରର ମୁଖ୍ୟ ପ୍ରବେଶ ପଥ ଅଠରବାଙ୍କି ରୁ ଦୋଛକି ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିଲା କ୍ଷ ଜାତୀୟ ରାଜପଥ ରେ ବହୁ ସ୍ଥାନରେ ଛୋଟବଡ ଖାଲ ସୃଷ୍ଟି ହୋଇ ଅନେକ ଛୋଟବଡ ଦୁର୍ଘଟଣା ମଧ ଘଟୁଥିଲା । ତେବେ ଆସନ୍ତା ସେପ୍ଟେମ୍ବର ମାସ ୧୬ ତାରିଖ ରେ ପାରାଦୀପ ରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ପ୍ରବଳ ଜନସମାଗମ ଦୃଷ୍ଟିରୁ ବିଭିନ୍ନ ପୂଜା କମିଟି ଓ ଅନୁଷ୍ଠାନ ପକ୍ଷରୁ ଜିଲ୍ଲା ପ୍ରଶାସନ କୁ ଏହି ରାସ୍ତାର ତୁରନ୍ତ ମରାମତି ପାଇଁ ଅନୁରୋଧ କରିଥିଲେ କ୍ଷ ତେବେ ଜିଲ୍ଲା ପ୍ରଶାସନ ର ପ୍ରଚେଷ୍ଟାରେ ଜାତୀୟ ରାଜପଥ ପ୍ରାଧିକରଣ କତୃପକ୍ଷ ଙ୍କ ସହ ଆଲୋଚ଼ନା ପରେ ଏବେ ଏହିସବୁ ରାସ୍ତାର ଯୁଦ୍ଧ କାଳୀନ ଭିତ୍ତି ରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ପାରାଦୀପ ବନ୍ଦର ପକ୍ଷରୁ ଅଠରବାଙ୍କି ଠାରୁ ବଡପଡ଼ିଆ ପୂଜା ଉତ୍ସବ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି ।



## ବଢୁଛି ଜଳସ୍ତର; ହୀରାକୁଦ ଡ୍ୟାମର ଖୋଲାଗଲା ୧୬ଟି ଗେଟ୍

ସମ୍ବଲପୁର,(ପି.ଏନ): ବଢୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର। ସମୁଦାୟ ୧୬ଟି ଗେଟ ଦେଇ ନିଷ୍କାସନ କରୁଛି ବନ୍ୟାଜଳ। ହୀରାକୁଦ ଜଳଭଣ୍ଡାରର ଇନଫ୍ଲୋ ବଢିବା ମଧ୍ୟରେ ଆଜି ପର୍ଯ୍ୟାୟ କ୍ରମେ ୧୬ଟି ଗେଟ୍ ଖୋଲିଛନ୍ତି ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ। ଗତକାଲି ୨ଟି ପର୍ଯ୍ୟାୟରେ ୧୦ଟି ଗେଟ୍ ଖୋଲାଯିବା ପରେ ସମୁଦାୟ ୧୬ଟି ଗେଟ୍ ଦେଇ ନିଷ୍କାସିତ କରୁଛି ବନ୍ୟାଜଳ। ଉପରମୁଣ୍ଡରେ ବର୍ଷା ଜାରି ରହିଥିବାରୁ ବଢିବାରେ ଲାଗି ଜଳସ୍ତର। ଆଜି ଜଳସ୍ତର ବୃଦ୍ଧି ପାଇ ୬୨୮.୨୯ଫୁଟରେ ପହଞ୍ଚିଥିବା ବେଳେ, ଇନଫ୍ଲୋ ମଧ ବୃଦ୍ଧି ପାଇ ୩ ଲକ୍ଷ ୪୧୧ ହଜାର ୪୧ କ୍ୟୁସେକରେ ପହଞ୍ଚିଛି। ୧୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ପ୍ରତି ସେକେଣ୍ଡରେ ୩ ଲକ୍ଷ ୨ ହଜାର ୮ଶହ ୯୫ କ୍ୟୁସେକ ଜଳ ନିଷ୍କାସିତ ହେଉଛି।

## ମାହାଙ୍ଗା ବ୍ଲକରେ ଅବ୍ୟବସ୍ଥାରେ ଶେଷ ହେଲା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

ମାହାଙ୍ଗା (ପି.ଏନ): ଆଜି ମାହାଙ୍ଗା ବ୍ଲକର ପଲ୍ଲୀସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛୋଟ ଛୋଟ ପିଲାମାନଙ୍କୁ ଦିନ ୧୦ଟା ବେଳେ ଡକାଯାଇଥିଲା ବେଳେ ଦିନ ୧୨ଟା ବେଳେ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ପ୍ରଥମେ ୫ଟଙ୍କିଆ ବିସ୍କୁଟ ଓ ୧୦ଟଙ୍କିଆ ପାଣିବୋତଲ ଦିଆଯାଇଥିଲା। ପରୀକ୍ଷା ସମୟରେ ପିଲାମାନଙ୍କୁ ପାଣି ପିଇବାକୁ ଦିଆଯାଇ ନଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଅପରପକ୍ଷରେ ପରୀକ୍ଷା ହଲରେ ଅସହ୍ୟ ଗୁଳୁଗୁଳି ହେଉଥିଲା ବେଳେ ପିଲାମାନେ ଛଟପଟ ହେଉଥିଲେ। ସେହିଭଳି ପିଲାମାନେ ଅ-ସ୍ୱାସ୍ଥ୍ୟକର ପରିବେଶରେ ବସିଖାଉଥିବାବେଳେ କେତେକ ଛୋଟ ଛୋଟ ପିଲା ଛିଡାହୋଇ ଖାଉଥିବାର ଦେଖିବାକୁ ମିଳିଥିଲା। ୧ଲକ୍ଷଟଙ୍କା ଉକ୍ତ କାର୍ଯ୍ୟକ୍ରମ ପାଇଁ ଆସିଥିବା ଚର୍ଚ୍ଚା ହେଉଥିବା ବେଳେ କେତେ ଖର୍ଚ୍ଚ ହୋଇଛି,କେତେ ବଳିଛି ତାର ହିସାବକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଓଡ଼ିଶା ସ୍କୁଲ ଏଜୁକେସନ୍ ପ୍ରୋଗ୍ରାମି ଅଥୋରେଟି,ଭୁବନେଶ୍ୱର ଚିଠି ନଂ୬୫୪୮ ତା ୧୯.୦୭.୨୦୨୪ରିଖରେ ପ୍ରଦାନ ଚିଠି ଅନୁଯାୟୀ ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶ୍ନପତ୍ର ପାଇଁ ୩ହଜାର ଟଙ୍କା, ପ୍ରଶ୍ନପତ୍ର ଛାପିବା ୟୁନିଟ୍ କଷ୍ଟ ୧୭୦ ପାଇଁ ୧୫ଟଙ୍କା ହିସାବରେ ୨୫୫୦ଟଙ୍କା ,ସାର୍ଟିଫିକେଟ୍ ପ୍ରସ୍ତୁତି ପାଇଁ ୨୫୦୦ଟଙ୍କା,ପୁରସ୍କାର ପ୍ରଦାନ ପାଇଁ ୩ହଜାର ଟଙ୍କା,୧୫୦ଜଣଙ୍କୁ ପାଠ୍ୟଉପକରଣ ପାଇଁ ୧୦୫୦୦ଟଙ୍କା, ଫଟୋ ଭିଡିଓ ପାଇଁ ୨ହଜାରଟଙ୍କା, ୨୦୦ଜଣଙ୍କୁ ୨୦ଟଙ୍କା ହିସାବରେ ୪୦୦୦ଟଙ୍କା,ମଧ୍ୟାହ୍ନଭୋଜନ ୮୦ଟଙ୍କା ହିସାବରେ ୨୦୦ଜଣଙ୍କ ପାଇଁ ୧୬୦୦୦ଟଙ୍କା,୫ଜଣଙ୍କୁ ୩୦୦ଟଙ୍କା ହିସାବରେ ଆସେସ୍‌ମେ ଖର୍ଚ୍ଚ ପାଇଁ ୧୫୦୦ଟଙ୍କା ମୋଟ ୫୦ହଜାର ଟଙ୍କା । ମାଧ୍ୟମିକ ସ୍ତରରେ ପ୍ରଶ୍ନପତ୍ର ପାଇଁ ୩୫୦୦ଟଙ୍କା, ୧୦୦ପ୍ରଶ୍ନପତ୍ର ଛାପିବା ପାଇଁ ୩୫୦୦ଟଙ୍କା,୮୦ଜଣ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ପ୍ରସ୍ତୁତି ପାଇଁ ୨୦୦୦ଟଙ୍କା,୩ଜଣଙ୍କୁ ପୁରସ୍କାର ପ୍ରଦାନ ପାଇଁ ୩୦୦୦ଟଙ୍କା, ୮୦ଜଣଙ୍କୁ ପାଠ୍ୟ ଉପକରଣ ପ୍ରଦାନ ପାଇଁ ୧୨୦୦୦ଟଙ୍କା,ଭିଡିଓ ଫଟୋଗ୍ରାଫି ପାଇଁ ୩୦୦୦ଟଙ୍କା, ୧୫୦ଜଣଙ୍କୁ ୨୦ଟଙ୍କା ହିସାବରେ ଜଳଖିଆ ପ୍ରଦାନ ପାଇଁ ୩୦୦୦ଟଙ୍କା, ୧୫୦ଜଣଙ୍କୁ ମଧ୍ୟାହ୍ନଭଜୋନ ପ୍ରଦାନ ପାଇଁ ୧୨୦୦୦ଟଙ୍କା, ୫ଜଣଙ୍କୁ ଆସେସ୍‌ମେ ପାଇଁ ୧୫୦୦ଟଙ୍କା ମୋଟ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ କିଭଳି ଭାବରେ ଏହି ଅର୍ଥ ଖର୍ଚ୍ଚ କରିଛନ୍ତି,ତାହାନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାହାଙ୍ଗା ମଣ୍ଡଳ ଅର୍ନ୍ତଗତ ସମସ୍ତ ସରକାରୀ ବିଦ୍ୟାଳୟରୁ ସର୍ବକନିଷ୍ଠ ବର୍ଗରୁ ୯୯ଜଣ,କନିଷ୍ଠ ବର୍ଗରୁ ୮୦ଜଣ ଓ ବରିଷ୍ଠ ବର୍ଗରୁ ୮୪ଜଣ ମୋଟ ୨୬୩ଜଣ ଛାତ୍ରଛାତ୍ରୀ କୁଇଜ୍ ପ୍ରତିଯୋଗିତାରେ ଭାଗନେଇଥିଲେ।

## ଅସ୍ତରଙ୍ଗ ପ୍ରସ୍ତାବିତ ବନ୍ଦରର ଜନ ଶୁଣାଣି ଶେଷ

ଅସ୍ତରଙ୍ଗ ,(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରତିଷ୍ଠା ହେବାକୁ ଥିବା ରାଜ୍ୟ ସରକାରଙ୍କର ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରସ୍ତାବିତ ବନ୍ଦରର ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନ ଶୁଣାଣି ନବଯୁଗ ଇଂଗିନୀରିଂ କମ୍ପାନୀ ସହଭାଗିତାରେ ଶୁକ୍ରବାର ଦିନ ଅନୁଷ୍ଠିତ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଅଛି । ଆୟୋଜିତ ଜନ ଶୁଣାଣିରେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ଲୋକ ମାନେ ବନ୍ଦର ସପକ୍ଷ ରେ ମତ ଦେଇଥିବା ବେଳେ ବନ୍ଦର ହେଲେ ଅସ୍ତରଙ୍ଗ ଉପକୂଳ କିପରି କ୍ଷତିଗ୍ରସ୍ତ ହେବ ସେ ବିଷୟ ରେ ପରିବେଶବିତ୍ ତଥା ମିଳିତ ଜାତିସଙ୍ଘର ଯୁବ ଅଧିବକ୍ତା ଶ୍ରୀ ସୌମ୍ୟରଂଜନ ବିଶ୍ୱାଳ ସମାବେଶରେ ମତ ବ୍ୟକ୍ତ କରିଥିଲେ । ହେବାକୁ ଥିବା ବନ୍ଦର ଦ୍ୱାରା ଅଲିଭ୍ ରିଡେଲ କଇଁଚ଼ ଙ୍କ ଅଣ୍ଡାଦାନ ବାଧାପ୍ରାପ୍ତ ,ପ୍ରାକୃତିକ ବିପର୍ଯ୍ୟୟ ର ସମ୍ମୁଖିନ ଓ ପରିବେଶ ଆଦି ଉପରେ ଲୋକଙ୍କ ସମସ୍ୟାର ସମାଧାନ ଉପରେ ଶ୍ରୀ ବିଶ୍ୱାଳ ତାଙ୍କର ମତବ୍ୟକ୍ତ କରିଥିଲେ । ଏହି ଜନ ଶୁଣାଣିରେ ଅସ୍ତରଙ୍ଗ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦାନ କରିଥିବା ବେଳେ,ବିସ୍ଥାପିତ ହେବାକୁ ଥିବା ଛୁରିଆନା ଗ୍ରାମପଞ୍ଚାୟତ ର ଜଣେ ଯୁବକ ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବ୍ୟକ୍ତି ଦେଖିବାକୁ ମିଳି ନ ଥିଲା। ଏହି ଜନଶୁଣାଣୀ ସମାବେଶରେ ରାଜ୍ୟ ପ୍ରଦୂଷଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ଶୋହନ ଗିରି,ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାଥ ମହାନ୍ତି,ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୋମ୍ୟରଞ୍ଜନ ମଳିକ,ପ୍ରମୁଖ ଯୋଗ ଦେଇଥିବା ବେଳେ,ଜିଲ୍ଲା ପ୍ରଶାସନ ତରଫରୁ ଏ ଡି ଏମ,କୈଳାଶ ଚ଼ନ୍ଦ୍ର ନାୟକ,ଜମି ଅଧିଗ୍ରଣଣ ଅଧିକାରୀ କୈବଲ୍ୟ କର,ଓ ନିରଞ୍ଜନ ବାରିକ,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ରେଞ୍ଜର ମୋନାଲିସା ମହାପାତ୍ର,ଅତିରିକ୍ତ ଏସ ପି,ବିଷ୍ଣୁ ପ୍ରସାଦ ପତି,ନିମାପଡ଼ା ଏସ୍ ଡି ପି ଓ,ପ୍ରଭାତ କୁମାର ମଲ୍ଲିକ,ପ୍ରମୁଖ ଯୋଗଦାନ କରି,ପ୍ରସ୍ତାବିତ ବନ୍ଦର ଜନ ଶୁଣାଣି ରେ ଭାଗ ନେଇ ସେମାନଙ୍କର ମତବ୍ୟକ୍ତ କରିଥିବା ବେଳେ,ଅତିରିକ୍ତ ଜିଲ୍ଲାପାଳ ରେଭିନ୍ୟୁ,ଶ୍ରୀ ନାୟକ କହିଥିଲେ ଯେ, ବନ୍ଦର ଯେଉଁ ଜାଗାରେ ହେବ,ସେଠୀ ଜନ ଶୁଣାଣି ସହ ଗ୍ରାମ ସଭା ଆଦି କରା ଯିବ ଓ ଏହା ଏକ ଲମ୍ବା ପ୍ରୟାସ ହୋଇଥିବାରୁ ଲୋକଙ୍କ ମତାମତ ନିଆଜାଇ କାର୍ଯ୍ୟକ୍ରମ ହାତକୁ ନିଆ ଯିବ । ବିସ୍ଥାପିତ ଅଞ୍ଚଳ ଠାରୁ୧ ୨ କିଲୋମିଟର ଦୂରରେ ଏହି ଜନ ଶୁଣାଣି ହେଉ ଥିବାରୁ ,ଆଗାମୀ ଦିନରେ ବିସ୍ଥାପିତ ଅଞ୍ଚଳ ରେ ମାନ୍ୟବର ଉଚ୍ଚ଼ ନ୍ୟାୟାଳୟ ଙ୍କର ର ନିର୍ଦ୍ଦେଶ ମୁତବକ ସେହି ଅଞ୍ଚଳରେ ଜନ ଶୁଣାଣି କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ । ଅପର ପକ୍ଷରେ,ବିସ୍ଥାପିତ ବିରୋଧୀ ମଞ୍ଚ ତଥା ଭିଟାମାଟି ସୁରକ୍ଷା ସଂଗଠନ ତରଫରୁ ପିର ଜାହାନିଆଁ ଠାରେ ଏକ ବିରାଟ ଜନ ସମାବେଶ ଅନୁଷ୍ଠିତ ହୋଇ ଯାଇ ଅଛି । ଏହି ବନ୍ଦର ବିରୋଧୀ ସମାବେଶରେ ଅସ୍ତରଙ୍ଗ ଅଞ୍ଚଳର ୧୨ ଖଣ୍ଡ ଗ୍ରାମର ଅଧିବାସୀ ମାନେ ଏକତ୍ର ହୋଇ ବନ୍ଦର ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ ଓ ଭିଟା ମାଟିର ସୁରକ୍ଷା ପାଇଁ ରକ୍ତ ଦେବା ସହ ସଂଗ୍ରାମ ଜାରି ରହିବ ବୋଲି ବିଶାଳ ଜନ ସମାବେଶ ରେ ହଜାର ହଜାର ଲୋକଙ୍କୁ ସେମାନଙ୍କର ଭବାବେଗ ପରିପ୍ରକାଶ କରିଥିଲେ । ଏହି ସମାବେଶ ରେ,ପୁରୀ ଜିଲ୍ଲା ପରିଷଦ ର ଉପାଧାକ୍ଷ ଶ୍ରୀ ସ୍ୱାଧିନ କୁମାର ନାୟକ, ଆବାହକ ଶିଭାକର ବେହେରା,ସୁରକ୍ଷା ମଞ୍ଚ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ,ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ଆରତୀ ନାୟକ,ଅସ୍ତରଙ୍ଗ ସରପଞ୍ଚ ରାମ ଚ଼ନ୍ଦ୍ର କାଣ୍ଡୀ, ଚ଼ୁଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡ୍ରୀ, ସେମିତି ସଭ୍ୟ ବିମ୍ବାଧର ବିଶ୍ୱାଳ ସମାଜସେବୀ ଦିବାକର ଛାଟୋଇ, ଆଦି ଭାଶଣ ଦେଇ ବନ୍ଦର ନିର୍ମାଣ କୁ ବିରୋଧ କରୁଥିବା ବେଳେ,ସମ୍ଭାବ ବିସ୍ଥାପିତ ଙ୍କ ଦାବି ଓ ତାଙ୍କର ସମସ୍ୟା ସମାଧାନ ଦିଗରେ ଆଲୋକ ପାତ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray